ମୂଲ୍ୟ: ₹୧/-

ଧରିତ୍ରୀ
DHARITRI

# ସାହିତ୍ୟାୟନ

୪–୧୭ ନଭେମ୍ବର, ୨୦୨୧


୨ ଅତୀତର ବହି : ଫଣୀନ୍ଦ୍ର ଭୂଷଣ ନନ୍ଦ

୪ ଲଳିତ ନିବନ୍ଧ : ଚନ୍ଦ୍ରଶେଖର ରଥ

୩ ସୃଜନ-ଆଳାପ : ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର

୬ ଗଳ୍ପ : ବିପ୍ଳବ








# ପ୍ରଥମ ଓଡ଼ିଆ ଯୌଥ କବିତା: ପାରିଜାତମାଳା

ଅତୀତର ବହି



ଡ. ଫଣୀନ୍ଦ୍ର ଭୂଷଣ ନନ୍ଦ

ତୀର୍ଥ ସାରସ୍ୱତ ବାମଣ୍ଡାରେ କବିତା ଉପରେ ଅନେକ ପରୀକ୍ଷାନିରୀକ୍ଷା ସଂଘଟିତ ହୋଇଥିଲା। ସେ ଭିତରୁ ଯୌଥ କବିତା ରଚନାର ପରମ୍ପରା ଅନ୍ୟତମ। ଓଡ଼ିଆ ସାହିତ୍ୟରେ ଯୌଥ କବିତାର ପ୍ରଥମ ଦୃଷ୍ଟାନ୍ତ 'ପାରିଜାତମାଳା'। ଅଠର ପୃଷ୍ଠାର ଏହି କ୍ଷୁଦ୍ର ପୁସ୍ତିକାଟି ତିନିଜଣ କବିଙ୍କର ଅନବଦ୍ୟ ଅବଦାନ। ସଚ୍ଚିଦାନନ୍ଦ ଦେବଙ୍କ ସମ୍ପାଦନାରେ ବାମଣ୍ଡା ଜଗନ୍ନାଥ ବଲ୍ଲଭ ପ୍ରେସ୍‌ରୁ ୧୮୯୪ରେ ପୁସ୍ତକଟି ପ୍ରକାଶିତ।

ପ୍ରାଚୀନ ଓଡ଼ିଆ ସାହିତ୍ୟରେ ଯୌଥ ରଚନାର ପରମ୍ପରା ପରିଲକ୍ଷିତ ହୁଏ ନାହିଁ। ଜଣେ ଲେଖକର ଅସମ୍ପୂର୍ଣ୍ଣ ରଚନାକୁ ପରବର୍ତ୍ତୀ ସମୟ ଖଣ୍ଡର ଜଣେ ସାହିତ୍ୟିକ ସମ୍ପୂର୍ଣ୍ଣ କରିବାର ଦୃଷ୍ଟାନ୍ତ ସହଜଲଭ୍ୟ। ଭିନ୍ନଭିନ୍ନ ଲେଖକଙ୍କ ଭିନ୍ନଭିନ୍ନ ଆଭିମୁଖ୍ୟକୁ ନେଇ ରଚିତ ଲେଖାସମୂହର ସଂକଳନ ଆଧୁନିକ ଯୁଗରେ ଦୃଷ୍ଟିଗୋଚର ହୁଏ। କବିତାବଳୀ, କବିତା ସଂଗ୍ରହ, ନୂତନ କବିତା ପ୍ରଭୃତି ସଂକଳନ ଏହି ପ୍ରସଙ୍ଗରେ ସ୍ମରଣଯୋଗ୍ୟ। ପ୍ରାଚୀନ କାଳରେ ଜଣକର ଅସମ୍ପୂର୍ଣ୍ଣ ଲେଖାକୁ ଅନ୍ୟଜଣେ ସମ୍ପୂର୍ଣ୍ଣ କଲାବେଳେ ପ୍ରଥମ ରଚୟିତାଙ୍କ ନାମରେ ଲେଖାଟି ଭଣିତା ହୁଏ। ଓଡ଼ିଆ ଭାଗବତକୁ ଜଗନ୍ନାଥ ଦାସ ଏକାଦଶ ସ୍କନ୍ଧ ପର୍ଯ୍ୟନ୍ତ ଲେଖିବା ପରେ ମହାଦେବ ଦାସ ଦ୍ୱାଦଶ ସ୍କନ୍ଧ ଲେଖନ୍ତି ଜଗନ୍ନାଥଙ୍କ ନାମରେ। ଆଧୁନିକ ଯୁଗରେ ମୃତ୍ୟୁଞ୍ଜୟ ରଥଙ୍କ କର୍ମବୀର ଗୌରୀଶଙ୍କର ପୁସ୍ତକକୁ ଗିରିଜା ଶଙ୍କର ରାୟ ମୃତ୍ୟୁଞ୍ଜୟଙ୍କ ମୃତ୍ୟୁ ପରେ ସମ୍ପୂର୍ଣ୍ଣ କରନ୍ତି। କିନ୍ତୁ ଗୋଟିଏ ଲକ୍ଷ୍ୟକୁ ଏକତ୍ର ଯୋଜନାବଦ୍ଧ ଭାବରେ ସଫଳ କରିବାର ପ୍ରଥମ ପରୀକ୍ଷା ବାମଣ୍ଡାରେ ପରିଦୃଷ୍ଟ ହୁଏ। ଗୋଟିଏ ଆଭିମୁଖ୍ୟ ଏବଂ ଗୋଟିଏ ବିଷୟବସ୍ତୁକୁ ଆଧାର କରି ବିଭିନ୍ନ କବିଙ୍କ ରଚିତ ପ୍ରଥମ ଯୌଥ କବିତା 'ପାରିଜାତମାଳା'।

ଋତୁଚର୍ଯ୍ୟାର ଅନୁଭବରେ ଚିତ୍ରିତ ପାରିଜାତମାଳା। ଦାମୋଦର ମିଶ୍ରଙ୍କ ବସନ୍ତ ଓ ବର୍ଷା, ଜଳନ୍ଧର ଦେବଙ୍କ ଗ୍ରୀଷ୍ମ ଓ ଶିଶିର ଏବଂ ସଚ୍ଚିଦାନନ୍ଦଙ୍କ ଶରତ ଓ ହେମନ୍ତ କବିତାକୁ ନେଇ ପାରିଜାତମାଳା ସ୍ୱୟଂସମ୍ପୂର୍ଣ୍ଣ। ଗ୍ରୀଷ୍ମ, ବର୍ଷା, ଶୀତ ଓ ବସନ୍ତର ବହୁଳ ବର୍ଣ୍ଣନ ସାହିତ୍ୟରେ ଦୃଷ୍ଟିଗୋଚର ହେଲେ ମଧ୍ୟ ଶରତ ଓ ହେମନ୍ତ କବି ଦୃଷ୍ଟିରେ ଅବହେଳିତ ହୋଇ ନାହିଁ।

ଓଡ଼ିଆ କବିତା କ୍ଷେତ୍ରରେ ବିଜୁଳି-ଇନ୍ଦ୍ରଧନୁ ସାରସ୍ୱତ କଳହ (୧୮୯୩-୯୪) ଏକ ଯୁଗାନ୍ତକାରୀ ଅଧ୍ୟାୟ। ଏହାରି ପୃଷ୍ଠପୀଠିକାରେ ଆବିର୍ଭୂତ କବିଗଣ ନିଜସ୍ୱ ମୌଳିକ ଭାବସମ୍ପଦ ଦ୍ୱାରା ବାକ୍ୟଦେବୀଙ୍କୁ ନିରାଜନା କରିବାକୁ କୃତସଂକଳ୍ପ। ନୂତନ ସୃଷ୍ଟିର ଉନ୍ମାଦନା ନବନବ ସୃଜନକ୍ରିୟାରେ ମସଗୁଲ୍ ହେବା ପାଇଁ ଅନୁପ୍ରେରିତ କରିଛି। ଏମିତି ଏକ ଅନୁପ୍ରେରଣାର ଅମୃତମୟ ଫଳ ପାରିଜାତମାଳା।

ପାରିଜାତମାଳାର କବିତ୍ରୟ ବହୁ ଭାବରେ ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରିଛନ୍ତି। ସେମାନଙ୍କ ତାରୁଣ୍ୟର ଅଙ୍ଗୀକାର ନେଇ ପାରିଜାତମାଳା ସଜ୍ଜିତ। ଦାମୋଦର ମିଶ୍ର କବିରତ୍ନ(୧୮୭୧-୧୯୪୦)ଙ୍କ ଜନ୍ମ ବାଙ୍କି ବୈଦ୍ୟେଶ୍ୱରରେ। ତାଙ୍କର କର୍ମଭୂମି ଥିଲା ବାମଣ୍ଡା, ଖଲ୍ଲିକୋଟ ଓ ଇଚ୍ଛାପୁର। ବିଦ୍ୟାରତ୍ନଙ୍କ ଅନୁଜ ରୂପେ ସେ ୧୮୮୬ରୁ ବାମଣ୍ଡାରେ ଅବସ୍ଥାନ କରନ୍ତି। ଦାମୋଦର ଆଧୁନିକ ଯୁଗର ଜଣେ ବଳିଷ୍ଠ କବି। କବିତ୍ୱ ଯୋଗୁଁ ସେ ବାମଣ୍ଡାରୁ ପଦ୍ୟାଳଂକାର ଓ ଖଡ଼ିଆଳରୁ କବିରତ୍ନ ଉପାଧିପ୍ରାପ୍ତ।

ଜଳନ୍ଧର ଦେବ (୧୮୭୨-୧୯୫୨) ବାମଣ୍ଡାରେ ଜନ୍ମଗ୍ରହଣ କରିଥିଲେ। ସେ ଓଡ଼ିଆ ସାହିତ୍ୟରେ ପ୍ରଥମେ ବେଦ, ଉପନିଷଦ, ଭଗବଦ୍‌ଗୀତା, ମହାଭାରତ ଓ ରାମାୟଣର ବିଜ୍ଞାନସିଦ୍ଧ ଆଲୋଚନା କରି ସତ୍ୟ ଉଦ୍‌ଘାଟନ କରିଛନ୍ତି। ଜଳନ୍ଧରଙ୍କ ଗଳ୍ପ ସାହିତ୍ୟ ଏକ ଅପରୂପ ଜୀବନଚର୍ଯ୍ୟାର ମାର୍ଗ ପ୍ରଦର୍ଶନ କରେ। ଓଡ଼ିଆ କ୍ଷୁଦ୍ରଗଳ୍ପରେ ପ୍ରଥମେ ସେ ଅବହେଳିତ ନିମ୍ନବର୍ଗ ତଥା ଆଦିବାସୀ ଜୀବନଚିତ୍ରକୁ ସାରସ୍ୱତ ସ୍ୱୀକୃତି ପ୍ରଦାନ କରିଛନ୍ତି। ତାଙ୍କ ଗଳ୍ପରେ ଜାତିଭେଦ, ବାଲ୍ୟବିବାହ ଓ ବୃଦ୍ଧ ବିବାହ ବିରୋଧରେ ସ୍ୱର ଉତ୍ତୋଳିତ ହୋଇଛି। ସେ ବିଧବା ଗଳ୍ପ ନାୟିକାକୁ ପୁନଃ ବିବାହ କରାଇ ନିଜର ବଳିଷ୍ଠ ପ୍ରତିଭାର ପରିଚୟ ଦେଇଛନ୍ତି।

ସଚ୍ଚିଦାନନ୍ଦ ଦେବ (୧୮୭୨-୧୯୧୬) ବାମଣ୍ଡା ରାଜବଂଶରେ ଜନ୍ମିତ ଓ ପିତା ସାର୍ ବାସୁଦେବ ସୁଢଳଦେବଙ୍କ ତିରୋଧାନ ପରେ ୧୯୦୩ରେ ବାମଣ୍ଡାର ରାଜା ରୂପେ ଅଭିଷିକ୍ତ। ସେ ଓଡ଼ିଆ ସାହିତ୍ୟରେ ବିଜ୍ଞାନ କବି ରୂପେ ସ୍ୱୀକୃତ। ବିଜୁଳି ଇନ୍ଦ୍ରଧନୁ ସାରସ୍ୱତ କଳହ ପରେ ଓଡ଼ିଆ କବିତାର ନବଜନ୍ମ ହୁଏ। ଗଙ୍ଗାଧର ପ୍ରକୃତିକୁ, ନନ୍ଦକିଶୋର ପଲ୍ଲୀକୁ, ପଦ୍ମଚରଣ ଜାତୀୟ ଚେତନାକୁ ଆଦରି ନେଲାବେଳେ ସଚ୍ଚିଦାନନ୍ଦ ବିଜ୍ଞାନକୁ କାବ୍ୟ ବସ୍ତୁ ରୂପେ ଗ୍ରହଣ କରନ୍ତି। ସାହିତ୍ୟିକ ପିତା ସୁଢଳଦେବଙ୍କ ପଦାଙ୍କ ଅନୁସରଣ କରି ସଚ୍ଚିଦାନନ୍ଦ ଦେବ 'ଅଳଙ୍କାର ସାର' ପ୍ରଣୟନ କରନ୍ତି।


ସରଳ ଶବ୍ଦ ସଂଯୋଜନା ଓ ଗାମ୍ଭୀର୍ଯ୍ୟପୂର୍ଣ୍ଣ ଭାବବ୍ୟଞ୍ଜନା ପାରିଜାତମାଳାରେ ପ୍ରତିଭାତ। ରାଧାନାଥଙ୍କ ତୁଳସୀ ସ୍ତବକର ସୃଷ୍ଟି କୌଶଳ ଦ୍ୱାରା କବିତାଗୁଡ଼ିକ ଅନୁପ୍ରାଣିତ ହୋଇଥିବା ମନେହୁଏ। ତୁଳସୀ ସ୍ତବକରେ ବ୍ୟବହୃତ କଳହଂସ କେଦାର ରାଗକୁ ଏଠାରେ ଉପଯୋଗ କରାଯାଇଛି। କିନ୍ତୁ କାବ୍ୟସଜ୍ଜାରେ କବିଗଣ ସରଳ ସାବଲୀଳ ଉପମା ଓ ଚିତ୍ରକଳ୍ପର ପ୍ରୟୋଗ କରିଛନ୍ତି। ତୁଳସୀସ୍ତବକରେ କେବଳ ବର୍ଷା ଓ ଶରତ ଋତୁର ବର୍ଣ୍ଣନା ଥିଲାବେଳେ ପାରିଜାତମାଳାରେ ସମ୍ପୂର୍ଣ୍ଣ ଷଡ଼ଋତୁର ବର୍ଣ୍ଣନା ରହିଛି।



ଜଳନ୍ଧର ଦେବ



ସଚ୍ଚିଦାନନ୍ଦ ତ୍ରିଭୁବନ ଦେବ



ପାରିଜାତମାଳା ।

ବାମଣ୍ଡା ରାଜକୁମାର
ଶ୍ରୀ ସଚ୍ଚିଦାନନ୍ଦଦେବଙ୍କ
ଦ୍ୱାରା
ସଂଗୃହୀତ ଓ ରଚିତ ହୋଇ
ପ୍ରକାଶିତହେଲା ।

ବାମଣ୍ଡା ଜଗନ୍ନାଥବଲ୍ଲଭପ୍ରେସରେ
ମୁଦ୍ରିତ ।
୧୮୯୪



ଦାମୋଦର ଦେବ

ସମ୍ବଲପୁର ହିତୈଷିଣୀ(୬/୩୧) ତା୨.୧.୧୮୯୫ ସଂଖ୍ୟାରେ ପାରିଜାତମାଳାର ସଂକ୍ଷିପ୍ତ ସମାଲୋଚନା ପତ୍ରସ୍ଥ ହୋଇ 'ତୁଳସୀସ୍ତବକ' ଅନୁକରଣରେ ରଚିତ ହୋଇଥିବା ଦର୍ଶାଯାଇଛି। ତୁଳସୀସ୍ତବକ କ୍ଷୁଦ୍ର ପୁସ୍ତିକା ରାୟ ପ୍ରେସ୍‌ରୁ ୧୮୯୪ ଜୁଲାଇ-ଅଗଷ୍ଟରେ ପ୍ରକାଶିତ ଓ ପାରିଜାତମାଳା ୧୮୯୪ର ଶେଷଆଡ଼କୁ ପ୍ରକାଶ ପାଇଥିବା ଅନୁମିତ ହୁଏ। କିନ୍ତୁ ପାରିଜାତମାଳାର ସୃଷ୍ଟିଶିଳ୍ପ ସାମଗ୍ରିକ ଭାବେ ତୁଳସୀସ୍ତବକ ଦ୍ୱାରା ନିୟନ୍ତ୍ରିତ ନୁହେଁ।

ପାରିଜାତମାଳାରୁ ଯୌଥ କବିତାର ଯେଉଁ ପରମ୍ପରା ସୃଷ୍ଟି ହୋଇଥିଲା, ତାକୁ ବାମଣ୍ଡା ଦରବାର ବଳିଷ୍ଠ ଭିତ୍ତି ପ୍ରଦାନ କରିଥିଲା। ସୁଢଳଦେବଙ୍କ ଦ୍ୱିତୀୟ ପୁତ୍ର କବି ବଳଭଦ୍ର ଦେବ ସମ୍ବଲପୁର ହିତୈଷିଣୀରେ ୧୮୯୯ରେ 'ଚନ୍ଦ୍ରର ଶରୀରେ ଏହା ନୁହେଁ କଳଙ୍କ' ଶୀର୍ଷକରେ ପାଦପୂରଣ ପାଇଁ ଆହ୍ୱାନ ଦେଇଥିଲେ। ଏଥିରେ ଓଡ଼ିଶାର ଗଙ୍ଗାଧର ମେହେରଙ୍କ ସମେତ ଅନେକ କବି ପାଦପୂରଣ କରି ନିଜସ୍ୱ ପ୍ରତିଭାର ସ୍ୱାକ୍ଷର ପ୍ରଦାନ କରିଥିଲେ। ସାର୍ ବାସୁଦେବ ସୁଢଳଦେବଙ୍କ ସମ୍ପାଦନାରେ 'ଜହ୍ନମାମୁଁ' ସଂକଳନ ୧୯୦୩ରେ ବାମଣ୍ଡା ଜଗନ୍ନାଥ ବଲ୍ଲଭ ପ୍ରେସ୍‌ରୁ ପ୍ରକାଶ ପାଏ। ଏଥିରେ ଜହ୍ନମାମୁଁ ଶୀର୍ଷକରେ ୧୨ଜଣ କବିଙ୍କର ୧୦୪ ପଂକ୍ତି ବିଶିଷ୍ଟ କବିତା ସଂକଳିତ ହୋଇଥିଲା। ରାଧାନାଥ ଏହାକୁ ଉତ୍କଳ ସାହିତ୍ୟରେ ଏକ ଅଭିନବ ବ୍ୟାପାର ରୂପେ ପ୍ରଶଂସା କରିଥିଲେ। କେବଳ ପୁସ୍ତକ ଆକାରରେ ନୁହେଁ, ବରଂ ପ୍ରସ୍ତର ଫଳକରେ ବାମଣ୍ଡାରେ ଯୌଥ କବିତା ରଚନା ପରମ୍ପରାକୁ ଋଦ୍ଧିମନ୍ତ କରାଯାଇଥିଲା। ଦେବଗଡ଼ଠାରେ ନିର୍ମିତ ବସନ୍ତ ନିବାସ (୧୯୦୮-୦୯) ଶୈଳନିବାସର ପ୍ରାଚୀର ସ୍ତମ୍ଭମାନଙ୍କରେ ମାର୍ବଲ ଫଳକରେ 'ବସନ୍ତ ନିବାସ' ଶୀର୍ଷକରେ ଅନେକ କବିଙ୍କ କବିତାର ପଂକ୍ତି ସଂଯୋଜିତ। ଯୌଥ କବିତାର ଏହି ପରମ୍ପରା ବାମଣ୍ଡାରେ ସୃଷ୍ଟି ହୋଇ ସାରସ୍ୱତ ପ୍ରତିଷ୍ଠା ଲାଭ କରିଥିଲା। କଥା ସାହିତ୍ୟରେ ସବୁଜ କବିଗୋଷ୍ଠୀର 'ବାସନ୍ତୀ' ଉପନ୍ୟାସ ଏହି ପରମ୍ପରାର ଅମୃତମୟ ଫଳ।

- ୬୭, ସରସ୍ୱତୀ କୁଞ୍ଜ
ଜାଗମରା, ଖଣ୍ଡଗିରି, ଭୁବନେଶ୍ୱର-୩୦
ମୋ: ୯୪୩୭୨୫୬୧୭୬

ସାହିତ୍ୟାୟନ
ଲେଖା ପଠାଇବାର ଠିକଣା
ସମ୍ପାଦକ ଧରିତ୍ରୀ, ବି-୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
email: dharitrisahityayana@gmail.com

ସାହିତ୍ୟାୟନ ପ୍ରତି ୧୫ ଦିନରେ ଥରେ ପ୍ରକାଶ ପାଏ । ମୌଳିକ ଗଳ୍ପ, କବିତା, ଅନୁବାଦ ଗଳ୍ପ, ବ୍ୟଙ୍ଗ ଓ ଲଳିତ ନିବନ୍ଧକୁ ପ୍ରାଧାନ୍ୟ ଦିଆଯାଏ। ପ୍ରଥମ ପ୍ରକାଶିତ ପୁସ୍ତକ/ଲେଖାକୁ ନେଇ ବିଶେଷ ଅନୁଭୂତି, ଭାରତୀୟ ଓ ବିଶ୍ୱ ସାହିତ୍ୟ ଉପରେ ଆଧାରିତ ଲେଖା ସ୍ଥାନିତ ହୁଏ। ଆଗ୍ରହୀ ଲେଖିକା/ଲେଖକ ନିଜର ଲେଖା ଡିଟିପି କରି ୱାର୍ଡ କିମ୍ବା ପେଜ୍‌ମେକର ଫାଇଲରେ E-mailରେ ପଠାଇ ପାରିବେ ପୂରା ଠିକଣା ଓ ମୋବାଇଲ ନମ୍ବର ସହ।

Printed and published by Tathagata Satpathy on behalf of Samajbadi Society and printed at Navajat Printers, B-15, Industrial Estate, Rasulgarh, Bhubaneswar-10 ସମ୍ପାଦକ: ତଥାଗତ ସତପଥୀ

# ଗଳ୍ପରେ କାହାଣୀ ଶାଶ୍ୱତ, ଆଉ ସବୁ ସାମୟିକ

## –ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର



**ରାଜ୍ୟବର୍ଦ୍ଧନ ଧଳ ମହାପାତ୍ରଙ୍କ ଜନ୍ମ ୨୦ ଏପ୍ରିଲ ୧୯୬୦ରେ, ଯାଜପୁର ଜିଲା ବିଞ୍ଝାରପୁରର କଣ୍ଟିପୁର ଗାଁରେ। ୧୯୮୩ରୁ ୧୯୮୬ ଇଂଲିଶ୍‌ରେ ଅଧ୍ୟାପନା ଓ ୧୯୮୬ରେ ବ୍ୟାଙ୍କ ଅଧିକାରୀ ଭାବେ କାର୍ଯ୍ୟ କରି ୟୁ.ଜି.ବି.ର ଆଞ୍ଚଳିକ ପ୍ରବନ୍ଧକ ରୂପେ ଅବସର ଗ୍ରହଣ। ପ୍ରକାଶିତ ପ୍ରମୁଖ ଗଳ୍ପ ପୁସ୍ତକ 'ସବୁଜପତ୍ରରେ ସୂର୍ଯ୍ୟାସ୍ତର ରଙ୍ଗ', 'ଦୌଡ଼ ପ୍ରତିଯୋଗିତା', 'ଦୂର ନକ୍ଷତ୍ର', 'ଅଥଳ ଆଶ୍ରୟ', 'ବାମନବୃକ୍ଷ' ଓ 'ମାଟି ଦ୍ରୋଣ'। ଉପନ୍ୟାସ: 'ହୃଦୟର ସୀମାରେଖା', 'ପୁଣ୍ୟ ପତିତା' ଓ 'ବେଳ ଭଲ ନାହିଁ'। ଓଡ଼ିଆ କଥା ସାହିତ୍ୟକୁ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ମିଳିଛି 'ନିର୍ମାତା ଗଳ୍ପ ସମ୍ମାନ', 'ତୀର ତରଙ୍ଗ ସମ୍ମାନ', 'ବ୍ରଜରାଜ ସାହିତ୍ୟ ସମ୍ମାନ' ଓ 'ଗୋକର୍ଣ୍ଣିକା ସାରସ୍ୱତ ସମ୍ମାନ' ଆଦି ଏକାଧିକ ସମ୍ମାନ।**

## ସୃଜନ-ଆଳାପ

ପ୍ର: ସମକାଳୀନ ଓଡ଼ିଆ କଥାସାହିତ୍ୟର ଆପଣ ଜଣେ ଚର୍ଚ୍ଚିତ କଥାଶିଳ୍ପୀ। ଆପଣଙ୍କ ପ୍ରଥମ ପ୍ରକାଶିତ ଗଳ୍ପ ସମ୍ପର୍କରେ ସୂଚନା ଦେବେ?

ଉ: ମୋର ପ୍ରଥମ ପ୍ରକାଶିତ ଗଳ୍ପ ହେଉଛି "ଚକାଡୋଳାଙ୍କୁ ଗୁହାରି", ଯାହା ପ୍ରକାଶ ପାଇଥିଲା ୧୯୭୮ରେ। ସେହି ସମୟରେ ମୁଁ ମୋର ଜଣେ ଅଗ୍ରଜଙ୍କ ସହ ମିଶି 'ସ୍ୱାକ୍ଷର' ନାମକ ଏକ ସାହିତ୍ୟ ପତ୍ରିକା ବାହାର କରିଥିଲୁ, ଯେଉଁଥିରେ ମୁଁ ସହସମ୍ପାଦକ ଥିଲି। ନିଜ ଲେଖାକୁ ନିଜ ପତ୍ରିକାରେ ରଖିବା କାଳେ କାହା କାହାକୁ ଅରୁଚିକର ବୋଧ ହେବ, ତେଣୁ ଛଦ୍ମନାମଟିଏ ବ୍ୟବହାର କରିଥିଲି। ଏହା ମୋର ପ୍ରଥମ ଗଳ୍ପ। ମୋ' ନାଆଁ ଥାଇ ପ୍ରକାଶିତ ଗଳ୍ପ "ଗୋଟିଏ ଗୋଲାପ କୋଟିଏ କଳଙ୍କ" ମୋର ଦ୍ୱିତୀୟ ଗଳ୍ପ।

ପ୍ର: ଆପଣଙ୍କ ପ୍ରଥମ ବହି କେବେ ପ୍ରକାଶିତ ହୋଇଥିଲା? ସେ ସମୟର ଅନୁଭବ ଓ ଅଭିଜ୍ଞତା ସମ୍ପର୍କରେ ପାଠକଙ୍କୁ ଅବଗତ କରାଇବେ କି?


ଉ: ମୋର ପ୍ରଥମ ପୁସ୍ତକ ପ୍ରକାଶ ପାଇଥିଲା ୧୯୮୭ରେ। ୧୯୮୬ ପୂଜା ସଂଖ୍ୟା 'ନବଲିପି'ରେ ପ୍ରକାଶିତ ମୋର ଏକ ଗଳ୍ପ ପଢ଼ି ସତ୍ୟବ୍ରତ ପ୍ରେସ୍, ପୀଠାପୁରର ସ୍ୱତ୍ୱାଧିକାରୀ ଶ୍ରୀ କୃଷ୍ଣଚନ୍ଦ୍ର ଯେନା ମୋତେ ଗୋଟିଏ ଚିଠି ଲେଖିଥିଲେ। ଚିଠିରେ ସେ ଉଲ୍ଲେଖ କରିଥିଲେ ଯଦି ମୋର ଏହିଭଳି ଗଳ୍ପ ୧୦-୧୫ଟି ଅଛି, ତାଙ୍କୁ ଦେଲେ ସେ ଗୋଟିଏ ବହି ଛାପିଦେବେ। ପ୍ରକୃତରେ ସେ ଚିଠି ପାଇବାର ଅନୁଭବ ଅନନ୍ୟ। ମୁଁ ମୋର ୧୦/୧୫ଟି ଗଳ୍ପ ତାଙ୍କୁ ଦେଇଥିଲି ଏବଂ ସେ ତାଙ୍କର ପ୍ରତିଶ୍ରୁତି ମୁତାବକ ବହିଟି ଛାପିଥିଲେ। ବହିଟିର ପ୍ରଚ୍ଛଦ ଆଙ୍କିଥିଲେ ଶିଳ୍ପୀବନ୍ଧୁ ଛନ୍ଦାଚରଣ ଆଚାର୍ଯ୍ୟ। ବହିର ନାଆଁ ଥିଲା "ସବୁଜପତ୍ରରେ ସୂର୍ଯ୍ୟାସ୍ତର ରଙ୍ଗ"।

ପ୍ର: ଆପଣଙ୍କର ମନେହୁଏ କି ଫକୀରମୋହନଙ୍କ 'ରେବତୀ' ଗଳ୍ପ ଏ ପର୍ଯ୍ୟନ୍ତ ଅନତିକ୍ରମଣୀୟ?

ଉ: ହଁ, ଏହି କଥା ଆଜିଯାଏ ଗଳ୍ପ ସମ୍ପର୍କରେ ଆଲୋଚନା କାଳରେ ବିଭିନ୍ନ ବକ୍ତାଙ୍କଠାରୁ ଆମେ ଶୁଣିଶୁଣି ଆସିଛେ। 'ରେବତୀ' ଓଡ଼ିଆ ସାହିତ୍ୟର ପ୍ରଥମ ଗଳ୍ପ ଏବଂ ସେ ଗଳ୍ପ ସହ ଫକୀରମୋହନଙ୍କୁ ଆମେ ଆଜିଯାଏ ଗଭୀର ଶ୍ରଦ୍ଧା ଓ ସମ୍ମାନ ଦେଇଆସିଛୁ। ମାତ୍ର ଏହାର ଅର୍ଥ ନୁହେଁ ଯେ ପରବର୍ତ୍ତୀ ଗଳ୍ପ 'ରେବତୀ'କୁ ଅତିକ୍ରମ କରିନାହିଁ।

ପ୍ର: ଆପଣଙ୍କ ପିଢ଼ିର ଅନେକ ଲେଖକଙ୍କ ଗଳ୍ପ ପାଠ୍ୟପୁସ୍ତକରେ ସ୍ଥାନିତ ହେବାର ଯୋଗ୍ୟତା ବହନ କରେ। ଏହା ନ ହୋଇପାରିବାର କାରଣ କ'ଣ ବୋଲି ଆପଣ ଭାବନ୍ତି?

ଉ: ଆମ ପିଢ଼ିର ବହୁ ଲେଖକଙ୍କ ଗଳ୍ପ ପାଠ୍ୟପୁସ୍ତକରେ ସ୍ଥାନିତ ହେବାର ଯୋଗ୍ୟତା ରଖେ। ମାତ୍ର ଆମ ଚୟନ ସମିତିର ସଦସ୍ୟମାନେ ତାଙ୍କ ସୀମିତ ଦୃଷ୍ଟିଭଙ୍ଗୀରୁ ଏଯାଏଁ ଊର୍ଦ୍ଧ୍ୱକୁ ଯାଇ ନାହାନ୍ତି। ଫଳରେ ଛାତ୍ରୀଛାତ୍ରମାନେ ଓଡ଼ିଆ ଗଳ୍ପର କ୍ରମବିକାଶ ଜାଣିବାରୁ ବଞ୍ଚିତ ହେଉଛନ୍ତି।




ପ୍ର: ଆପଣଙ୍କ ଗଳ୍ପର ଚରିତ୍ରମାନେ ଏତେ ପ୍ରାଣବନ୍ତ ଯେ ପଢ଼ିବାବେଳେ ଲାଗେ ସତେ ଯେପରି ଏମାନେ ଆଖପାଖରେ ଆତଯାତ ହେଉଛନ୍ତି। ଏଭଳି ଜୀବନ୍ତ ଚରିତ୍ର ସୃଷ୍ଟି କରି ପାଠକଙ୍କୁ ମୋହାବିଷ୍ଟ କରି ରଖିବାର ରହସ୍ୟଟି କ'ଣ?

ଉ: ମୋର ଅଧିକାଂଶ ଗଳ୍ପର ଚରିତ୍ରମାନଙ୍କ ସହ ମୁଁ ମିଶିଛି, ଭେଟିଛି ଏବଂ ଏକାତ୍ମ ହୋଇଛି। କିଛି ଚରିତ୍ର ତ ମୋ' ଅବବୋଧରେ ବାଲ୍ୟକାଳରୁ ସାଇତା ହୋଇ ରହିଛନ୍ତି। ସେମାନେ ଯାହା ଯେମିତି, କୌଣସି କୃତ୍ରିମତା ନ ଦେଖାଇ ସେମାନଙ୍କୁ ସେମିତି ମୁଁ ଗଳ୍ପକୁ ଆଣିଛି। ସେଥିପାଇଁ ହୁଏତ ଚରିତ୍ରଗୁଡ଼ିକ ପ୍ରାଣବନ୍ତ ଓ ଆପଣାର ଲାଗନ୍ତି ପାଠକଙ୍କୁ। ଆଉ ମୋହାବିଷ୍ଟ! ସେ ଦକ୍ଷତା ମୋର ଏଯାଏଁ ଆସିନି।

ପ୍ର: କାହାଣୀ ବିନା କାହାଣୀ ଏବଂ ଶୈଳୀ-କେଉଁଟା ଗଳ୍ପକୁ ଅଧିକ ପାଠକାଭିମୁଖୀ କରାଏ?

ଉ: ଶରୀରରେ ଯେତେଦିନ ଯାଏଁ ପ୍ରାଣସତ୍ତା ରହିଛି, ଶରୀରକୁ ଜୀବନ୍ତ ବୋଲି କୁହାଯାଏ। ପ୍ରାଣସତ୍ତାଟି ଚାଲିଗଲେ ଶରୀର ଶବ ପାଲଟିଯାଏ। ଗଳ୍ପରେ କାହାଣୀ ହେଉଛି ପ୍ରାଣସତ୍ତା। ପ୍ରାଣସତ୍ତା ନ ଥାଇ ଶରୀରକୁ ଯେତେ ସଜାଇଲେ ବି ସେ ଶବ ହୋଇ ରହିବ। ହଁ, ଶୈଳୀ ଯାହାକୁ ଆପଣ ପଢ଼ିବା ସମୟତକ ଭାବି ପାରନ୍ତି, ତାହା ପାଠକଙ୍କୁ କିଛି ସମୟ ବାନ୍ଧି ରଖିପାରେ। ମାତ୍ର ପଢ଼ି ସାରିବା ପରେ ସେ ପୁଣି ଶୂନ୍ୟ ହୋଇଯାଏ। ଆମେ ଆଜି ଯେତେସବୁ ଗଳ୍ପକୁ ସ୍ମରଣ ରଖିଛେ, ତାହା କେବଳ ବଳିଷ୍ଠ କାହାଣୀ ପାଇଁ। ଗଳ୍ପରେ କାହାଣୀ ଶାଶ୍ୱତ, ଆଉସବୁ ସାମୟିକ।

ପ୍ର: ବିଶ୍ୱ ଦରବାରରେ ପ୍ରତିନିଧିତ୍ୱ କରିବାର ଦମ୍ଭ ଓଡ଼ିଆ ଗଳ୍ପର ଅଛି କି?

ଉ: ଏହାର ଉତ୍ତର କେବଳ ହଁ। ଇଂରାଜୀ ସାହିତ୍ୟର ଛାତ୍ର ଭାବେ କିଛି ବିଶ୍ୱପ୍ରସିଦ୍ଧ କଥାକୃତି ପଢ଼ିଛି। କାହାଣୀ ବା ଚେତନା ଉଦ୍ରେକକାରିତା କ୍ଷେତ୍ରରେ ଆମ ଗଳ୍ପଠାରୁ ସେମାନେ ଯେ ଊର୍ଦ୍ଧ୍ୱରେ ମୋର କାହିଁ ତ ମନେହୁଏନା। ଯେହେତୁ ଓଡ଼ିଆରେ ଲେଖୁଥିବା ଲେଖକମାନେ ଗୋଟିଏ ପ୍ରାଦେଶିକ ଭାଷାରେ ଲେଖୁଛନ୍ତି, ଜାତୀୟ ଅନ୍ତର୍ଜାତୀୟ ସ୍ତରରେ ସେମାନଙ୍କର ପହଂଚ ହୁଏତ କମ୍, କାହାଣୀର ଦ୍ୟୁତି ନୁହେଁ।

ପ୍ର: କ'ଣ ପାଇଁ ଆପଣ ସାହିତ୍ୟ ଜଗତରେ ପାଦ ଥାପିଲେ? ପୁରସ୍କାର, ସମ୍ମାନ, ପ୍ରଶଂସା ପାଇଁ? ସାହିତ୍ୟର ଉନ୍ନତି ପାଇଁ ନା ଏମିତି ଗୋଟାଏ ଖିଆଲରେ?

ଉ: ପାଦ କେଉଁଠି ଥାପି ପାରିଛି? ଦିଗନ୍ତ ଦିଶୁ ନ ଥିବା ଜଗତର ଗୋଟିଏ ବିନ୍ଦୁରେ ଠିଆ ହୋଇ ଦୂରରୁ ଉଠି ଆସୁଥିବା ସୂର୍ଯ୍ୟଙ୍କ ଅସୀମତାରେ କେବଳ ବିସ୍ମିତ ହୋଇଛି ଓ ହୋଇଚାଲିଛି। ଆଉ ସାହିତ୍ୟର ଉନ୍ନତି! ଆମ ପୂର୍ବସୂରୀ ଯେଉଁ ଅମୂଲ୍ୟ ଭଣ୍ଡାର ଛାଡ଼ି ଯାଇଛନ୍ତି, ତା'ର ରକ୍ଷକ ହୋଇପାରିଲେ ଅହୋଭାଗ୍ୟ। ପୁରସ୍କାର, ସମ୍ମାନ ଓ ପ୍ରଶଂସା ସତରେ କ'ଣ ସବୁବେଳେ ଯୋଗ୍ୟ ଲୋକଙ୍କୁ ମିଳେ?

ପ୍ର: ଯେ କୌଣସି ଭାଷାର ଏପରି ଏକ ପୁସ୍ତକର ନାମ ଉଲ୍ଲେଖ କରନ୍ତୁ, ଯାହା ଆପଣଙ୍କୁ ଗଭୀର ଭାବରେ ପ୍ରଭାବିତ କରିଛି ଏବଂ ଯାହାକୁ ଆପଣ ଅନ୍ୟମାନଙ୍କୁ ପଢ଼ିବାକୁ ପରାମର୍ଶ ଦେବେ?

ଉ: ସେମିତି ବହି ସଂଖ୍ୟା ତ ଅନେକ, ମାତ୍ର ମୁଁ ଏଠାରେ ଏମିତି ଏକ ବହିର ଉଦାହରଣ ଦେବି, ଯାହାର ଓଡ଼ିଆ ଅନୁବାଦ ମୁଁ ସପ୍ତମ ଶ୍ରେଣୀରେ ପଢ଼ିଥିଲି ଏବଂ ଆକ୍ରାନ୍ତ ହୋଇ ରହିଥିଲି ଅନେକ ଦିନଯାଏ। ବହିଟି ହେଉଛି 'ଟମ କକାଙ୍କ କୁଟୀର'। ପରେ ଅବଶ୍ୟ ଏହାର ମୂଳ ଇଂରାଜୀ ଉପନ୍ୟାସଟି ପଢ଼ିଲି ଓ ଲେଖିକାଙ୍କ ବିଷୟରେ ଜାଣିବାର ସୁଯୋଗ ପାଇଲି। ଆନୁଷ୍ଠାନିକ ଶିକ୍ଷାଗତ ଯୋଗ୍ୟତା ନ ଥିବା ଜଣେ କ୍ରୀତଦାସୀ ତାଙ୍କ ନିଜ ଜୀବନର କଥା ଲେଖିଯାଇଛନ୍ତି। ଯେତେବେଳେ ପଢ଼ିଲେ ବି ମନ ଓ ହୃଦୟକୁ ତାହା ଆବୋରି ଧରେ।

ପ୍ର: ଅବସର ପରର ଜୀବନ କେମିତି କଟାଇବାକୁ ଖସଡ଼ା ପ୍ରସ୍ତୁତ କରିଛନ୍ତି? ଆପଣଙ୍କ ପରବର୍ତ୍ତୀ ସୃଜନ-ଯୋଜନା କ'ଣ?

ଉ: ଅବସର ମାନେ ପେଟପୋଷା ବୃତ୍ତିରୁ ଅବସର କଥା କହୁଛନ୍ତି ତ? ହଁ, ସେ ବୃତ୍ତିରୁ ଅବସର ନେଇଛି, ମାତ୍ର ବ୍ରତରୁ ନୁହେଁ। ମୋର ପରବର୍ତ୍ତୀ ସୃଜନ-ଯୋଜନା ଏକ ଉପନ୍ୟାସ। ବିଭୁକୃପା ମିଳିଲେ ହେଲା।

– ସାକ୍ଷାତ୍‌କାର: କ୍ଷୀରୋଦ ଦାସ

---

# ଚିନି ଓ ଗୁଡ଼

ମିନି ଗଳ୍ପ

ଶ୍ରୁତକିର୍ତ୍ତୀ ତ୍ରିପାଠୀ

ବନ୍ଧୁମିଳନର ଆସର। ବହୁବର୍ଷ ପରେ ପୁରୁଣା ସାଙ୍ଗମାନଙ୍କ ସହିତ ଦେଖାସାକ୍ଷାତ୍। ତନ୍ମଧ୍ୟରୁ କିଏ ପ୍ରତିଷ୍ଠିତ, କିଏ ମଧ୍ୟମ ତ କିଏ ସାଧାରଣ ବର୍ଗର। ଏତେ ଦିନ ପରେ ଏକାଠି ସମସ୍ତଙ୍କ ସମାଗମ ହୋଇଥାଏ। ପୁରୁଣା ବନ୍ଧୁଙ୍କ ଗହଣରେ ସମସ୍ତେ ପିଲାଦିନ କଥା ମନେପକେଇ ଖୁସି ହଉଥା'ନ୍ତି। ହେଲେ ମଧ୍ୟମ ଏବଂ ସାଧାରଣ ଗୋଷ୍ଠୀ ଅନ୍ତର୍ଭୁକ୍ତ ବନ୍ଧୁମାନେ ପ୍ରତିଷ୍ଠିତ ବନ୍ଧୁଙ୍କ ସହିତ ଖୋଲାଖୋଲି ଭାବରେ ମିଶିବାରେ, କଥା ହେବାରେ ସଙ୍କୋଚ କରୁଥା'ନ୍ତି। କହିବାବାହୁଲ୍ୟ ଟିକେ ଦୂରେଇ ରହୁଥା'ନ୍ତି।

ଏକୁଟିଆ ବସିଥିବା ବନ୍ଧୁ ଚନ୍ଦ୍ରକାନ୍ତ ପାଖକୁ ସହରର ପ୍ରତିଷ୍ଠିତ ବ୍ୟବସାୟୀ ବନ୍ଧୁ ଭୂପେନ ଆସି ପଚାରିଲେ, 'ଆରେ ସାଙ୍ଗ, ଆଉ ସବୁ କେମିତି ଚାଲିଛି? କେବେ ସୁବିଧା ଦେଖି ଘରକୁ ଆସ। ଛୁଟିଦିନ ସବୁରେ ମିଳିମିଶି ଖୁସିଗପ ହେବା।'

ଚନ୍ଦ୍ରକାନ୍ତ କହିଲେ, "ସାଙ୍ଗ, ତୋର ବ୍ୟସ୍ତବହୁଳ ଜୀବନ ଭିତରେ ପିଲାଦିନ ସାଙ୍ଗମାନଙ୍କ ପାଇଁ ସ୍ଥାନ ଅଛି? ତା' ପରେ ତୋର ତ ଗୁଡ଼ାଏ ନୂଆ ବନ୍ଧୁ ହୋଇସାରିଥିବେ!" ଧୀରେ ହସ ଫୁଟେଇ ଭୂପେନ କହିଲେ, "ନୂଆ ବନ୍ଧୁମାନେ ସ୍ୱାଦିଷ୍ଟ ମିଷ୍ଟାନ୍ନ ହୋଇପାରନ୍ତି, ହେଲେ ପୁରୁଣା ବନ୍ଧୁମାନେ ସବୁବେଳେ 'ଚିନି' ଓ 'ଗୁଡ଼' ସଦୃଶ। ବିନା ଚିନି ଓ ଗୁଡ଼ରେ କୌଣସି ମିଷ୍ଟାନ୍ନ କେବେ ସୁସ୍ୱାଦୁ ହେଲାଣି ନା ହବ?"

ମୋ: ୭୩୦୫୧୭୪୭୮

ଲଳିତ ନିବନ୍ଧ

# ମୁଁ ସତ୍ୟଧର୍ମା କହୁଛି



ଚନ୍ଦ୍ରଶେଖର ରଥ

ଆପଣଙ୍କ ଇଜଲାସରେ ଏହା ବୋଧହୁଏ ମୋର ଶେଷ ବୟାନ। ମୁଁ ଯାହା କହିବି, ସମ୍ପୂର୍ଣ୍ଣ ସତ୍ୟ କହିବି। ସତ୍ୟ ବ୍ୟତିରେକେ ଆଉ କିଛି କହିବି ନାହିଁ। ମୋ' ବିରୋଧରେ ସମସ୍ତ ଅଭିଯୋଗ ମୁଁ ଶୁଣିସାରିଛି। ସେଥିରେ କୁହାଯାଇଛି ଯେ, ମୁଁ ରାଷ୍ଟ୍ରଧର୍ମର ବିରୁଦ୍ଧାଚରଣ କରେ; ମୁଁ ଦେଶଦ୍ରୋହୀ। ମୁଁ ପ୍ରତିଷ୍ଠିତ ମନ୍ଦିର ମସ୍‌ଜିଦ୍‌କୁ ଅସ୍ୱୀକାର କରେ, ମୁଁ ନାସ୍ତିକ। ଧନ, ମାନ, ଜ୍ଞାନରେ ଯେଉଁମାନେ ଏ ସମାଜରେ ସର୍ବସମ୍ମତିକ୍ରମେ ମାନନୀୟ ମୁଁ ସେମାନଙ୍କୁ ସର୍ବସମକ୍ଷରେ ଅପଦସ୍ଥ, ଲାଞ୍ଛିତ କରେ। ମୁଁ ଦୟୀ, ଅହଙ୍କାରୀ, ପଣ୍ଡିତମ୍ମନ୍ୟ। ବର୍ଦ୍ଧିଷ୍ଣୁ ତରୁଣମାନଙ୍କୁ କୌଶଳରେ ପ୍ରଭାବିତ କରି ଉଚ୍ଛୃଙ୍ଖଳ, ଦିଗ୍‌ଭ୍ରାନ୍ତ କରେ– କୁଶିକ୍ଷା ଦେବା ମୋର ବୃତ୍ତି। ପରିଶେଷରେ ଆପଣମାନଙ୍କୁ ସତର୍କ କରାଇ ଦିଆଯାଇଛି ଯେ, ମୁଁ ମୋର ଚଟୁଳ ପ୍ରଗଲ୍‌ଭତାରେ ଆପଣମାନଙ୍କୁ ହୁଏତ ବଶୀଭୂତ କରିଦେଇପାରେ। ଏଣୁ ସାବଧାନ ରହିଥିବେ।

ଶେଷୋକ୍ତ ଅଭିଯୋଗଟି ଆମୋଦକର ହୋଇଥିବାରୁ ପ୍ରଥମେ ଉତ୍‌ଥାପିତ କରୁଛି। ଏ ପରିଣତ ବୟସରେ ବାଗ୍ମୀ ହେବାର ଅଭିଳାଷ ମୋର ନାହିଁ। ମୋର ରୁକ୍ଷ ସ୍ୱରରେ ଛନ୍ଦ ନାହିଁ ବା ସଙ୍ଗୀତମୟତା ନାହିଁ। ଏ ପଳିତ ଅବୟବରେ ମନୋରମ ସ୍ନିଗ୍ଧତା ନାହିଁ। କ'ଣ ପ୍ରୟୋଗ କରି ମୁଁ ଆପଣଙ୍କୁ ବଶୀଭୂତ କରିବି ବୁଝିପାରୁ ନାହିଁ। ଏଣୁ ଆପଣ ସେଭଳି କୌଣସି ଆଶଙ୍କା ନ କରି ନିଶ୍ଚିନ୍ତ ରୁହନ୍ତୁ; ବରଂ ଆପଣଙ୍କର ଯଥୋଚିତ ଉଦାରପଣରେ ମୋତେ କିଛି ସମୟ ଶୁଣିବାକୁ ଅବଧାନ ହୁଅନ୍ତୁ। ଆପଣଙ୍କର ଏ ଭବ୍ୟ ପ୍ରକୋଷ୍ଠର ଶାଳୀନତା ବିଷୟରେ ମୁଁ ଅଜ୍ଞ। ନ୍ୟାୟାଳୟରେ ପ୍ରବେଶ କରିବା ମୋ' ପକ୍ଷରେ ଏଇମାତ୍ର ପ୍ରଥମ। ଏଣୁ ଏଠିକାର ଆଦବକାଇଦା ମୁଁ କିଛି ଜାଣେ ନାହିଁ। ସେଥିପାଇଁ ମୋତେ କ୍ଷମା କରିବେ। ରୋକ୍‌ଠୋକ୍ ଦୁଇପଦ ନିରାଡ଼ମ୍ବର ସତ୍ୟ କହିଲା ବେଳେ ମୁଁ ହୁଏତ ତା' ସାନୁନୟ ପ୍ରକାଶ କରିପାରିବି ନାହିଁ। କାରଣ ଆଜି ନୁହେଁ, ଚିରକାଳ ମୁଁ ନିର୍ଭୀକ। କିମ୍ବା ମୃତ୍ୟୁ ଭୟରେ ମୁଁ ସତ୍ୟରୁ ବିଚଳିତ ହୋଇନାହିଁ, ହେବା ସମ୍ଭବ ନୁହେଁ। ପ୍ରତିପକ୍ଷର ହିଂସ୍ରତାରୁ ମୁଁ ଅନୁମାନ କରିପାରୁଛି ଯେ, ଏଥିପାଇଁ ମୋତେ ହତ୍ୟା କରାଯାଇପାରେ, କାରଣ ଯୁଗେ ଯୁଗେ ସତ୍ୟ ପାଇଁ ହତ୍ୟା କରାଯାଇଛି; ମୋ' ପରେ ମଧ ସେହିପରି ଅନନ୍ତକାଳ ହତ୍ୟା କରାଯିବ। ମୁଁ କିନ୍ତୁ କହିରଖୁଛି ଯେ, ମୋତେ ବାରମ୍ବାର ମରିବାକୁ ପଡ଼ିଲେ ମଧ ମୁଁ ସତ୍ୟରୁ ବିଚ୍ୟୁତ ହେବିନାହିଁ, ହୋଇପାରି ନାହିଁ। ପ୍ରତିପକ୍ଷ ପାଇଁ ମୋର କୌଣସି ଆକ୍ରୋଶ ନାହିଁ। ତାଙ୍କୁ ବିରୋଧ କରିବା ପାଇଁ ମୁଁ ବୟାନ ଦେଉନାହିଁ।

ତାଙ୍କର ଅଭିଯୋଗ ଦ୍ୱାରା ମୋର ପ୍ରାଣହାନିର ଆଶଙ୍କା କରି ନିଜକୁ ବଞ୍ଚାଇବାକୁ ମଧ ଚେଷ୍ଟା କରୁନାହିଁ। କାରଣ ଏଠି ଆପଣଙ୍କ ଦୟା ଭିକ୍ଷା କରି ଥରେ ବଞ୍ଚିଗଲେ ମୁଁ ଚିରକାଳ ବଞ୍ଚି ରହିପାରୁ ନାହିଁ; ଏ କଥା ମୁଁ ଜାଣେ। ମୋ' ଦିଗ୍‌ବଳୟରେ ଶୂନ୍ୟ–ସମୁଦ୍ର ଉଦୟ ହୋଇସାରିଲାଣି। ମୋର ଯାତ୍ରାକାଳ ଅତି ସୀମିତ। ଏଣୁ ସେଭଳି କିଛି ଅଭିପ୍ରାୟ ରଖି ମୁଁ ବୟାନ ଦେଉନାହିଁ। ମୋର ବକ୍ତବ୍ୟର ଉଦ୍ଦେଶ୍ୟ ହେଲା ଯେ, ସତ୍ୟର ଅପଳାପକୁ ମୁଁ ଆଜୀବନ ବିରୋଧ କରିଆସିଛି। ମୋତେ ସନ୍ଦେହ ହେଉଛି ଯେ, ମୋର ଅଭିଯୋଗକାରୀମାନେ ମିଛ କହୁଛନ୍ତି। ଯଦି ସତ୍ୟ କହୁଥା'ନ୍ତି ତେବେ ମୁଁ ତାହା ଜାଣିନାହିଁ; ମୁଁ ମୋର ସନ୍ଦେହମୋଚନ କରି ତାଙ୍କଠାରୁ ଯାହା ମାନିନେବାକୁ ପ୍ରସ୍ତୁତ। ମୋର ଦ୍ୱିତୀୟ ଉଦ୍ଦେଶ୍ୟ ହେଲା ଯେ, ଯେହେତୁ ନ୍ୟାୟର ତୁଳାଦଣ୍ଡରେ ଉଭୟ ପକ୍ଷ ସନ୍ତୁଳିତ ହେଲେ ହେଁ ବିଚାର ସମ୍ଭବ ଏବଂ ସ୍ୱପକ୍ଷ ଓ ପରପକ୍ଷର ଯୁକ୍ତି ଉପରେ ସିଦ୍ଧାନ୍ତ ନିର୍ଭରଶୀଳ, ସେହି ନ୍ୟାୟ ବିଚାର ସକାଶେ ମୁଁ ଯାହା ସତ୍ୟ ବୋଲି ଜାଣେ ତାହା ଏଠାରେ ଉପସ୍ଥାପିତ କରିବା ମୋର କର୍ତ୍ତବ୍ୟ।

କୁଶିକ୍ଷା ଦେବା ମୋର ବୃତ୍ତି ନୁହେଁ। ମୁଁ ଆଦୌ ଶିକ୍ଷା ଦିଏ ନାହିଁ। ମୋର ଆଚରଣ ଦ୍ୱାରା କିମ୍ବା ମୋର କଥା ଶୁଣିବାକୁ କେହି ହୁଏତ ଆକୃଷ୍ଟ ହୋଇଥାଇପାରେ। ମୁଁ କାହାକୁ କେବେ ମୋ' ପାଖକୁ ଡାକିନାହିଁ। ସେମାନେ ସ୍ୱତଃପ୍ରବୃତ୍ତ ହୋଇ ଆସିଲେ ତାଙ୍କୁ ପ୍ରତ୍ୟାଖ୍ୟାନ କରିଦେବା ମୋର ଶିଷ୍ଟାଚାର ନୁହେଁ। ନିଷ୍ଠାର ସହିତ ମୁଁ ଆଜୀବନ ସତ୍ୟର ସନ୍ଧାନ କରିଛି କେବଳ। ଏହାକୁ ବୃତ୍ତି କରି ଅର୍ଥ ଉପାର୍ଜନ କରିନାହିଁ। ସେଭଳି ପ୍ରମାଣ ଯଦି ଅନ୍ୟପକ୍ଷ ପ୍ରସ୍ତୁତ ରଖିଥା'ନ୍ତି; ତାହା ସେମାନେ ବର୍ତ୍ତମାନ ଦର୍ଶାଇପାରନ୍ତି। ମୁଁ ଜାଣେ ସେଭଳି ପ୍ରମାଣ ତାଙ୍କ ପାଖରେ ଆଦୌ ନାହିଁ। ଏଣୁ ଏହା ମୋର ବୃତ୍ତି ନୁହେଁ। ତା' ପାଇଁ ଚାକ୍ଷୁଷ ପ୍ରମାଣ ଚାହାନ୍ତି? ତା'ହେଲେ ହେଇ ଦେଖନ୍ତୁ ମୋର ଦାରିଦ୍ର୍ୟ, ମୋର ନିରନ୍ନ ଶରୀର, ମଳିନ ଚିରା ବସ୍ତ୍ର, ମୋର ଜୀର୍ଣ୍ଣକୁଟୀ। ଅର୍ଥକରୀ ବୃତ୍ତିରେ ସମର୍ଥ କୌଣସି ବ୍ୟକ୍ତିର ଅବସ୍ଥା ଏ ପରିଣତ ବୟସରେ କ'ଣ ଏଭଳି ହେବା ସମ୍ଭବ? ଏହା କ'ଣ ଯଥେଷ୍ଟ ପ୍ରମାଣ ନୁହେଁ ଯେ ଏ ଅଭିଯୁକ୍ତ ବୃଦ୍ଧ ତା'ର ସାଂସାରିକ ସୁଖ ସ୍ୱାଚ୍ଛନ୍ଦ୍ୟକୁ ଘୋର ଅବହେଳା କରିଆସିଛି– ଏବଂ ତାହା କେବଳ ସତ୍ୟ ପାଇଁ! ସତ୍ୟ ସନ୍ଧାନ ମୋର ବୃତ୍ତି ନୁହେଁ। ଧର୍ମାବତାର! ତାହା ମୋର ଧର୍ମ। ସତ୍ୟ ପ୍ରଚାର କରି ମୁଁ ଅର୍ଥ ଉପାର୍ଜନ କରେନା।

ମୁଁ ଶିକ୍ଷା ଦେଉ ନ ଥିବା ସତ୍ତ୍ୱେ ଯଦି କେହି ମୋର ସଂସ୍ପର୍ଶରେ ଆସି କୁଶିକ୍ଷିତ ହୋଇଥା'ନ୍ତି, ତା'ର ଦୃଷ୍ଟାନ୍ତ ମଧ ମୁଁ ପାଇନାହିଁ। ବରଂ ସେମାନେ ଏକେ ଏକେ ଏ ସମାଜରେ ଶୀର୍ଷମଣ୍ଡନ କରିଛନ୍ତି। ହଁ, ମୁଁ ସ୍ୱୀକାର କରୁଛି ଯେ, ସେମାନେ ସାଧାରଣ ଜନତାଠାରୁ ନିଶ୍ଚୟ ଭିନ୍ନ। ସେମାନେ ମୋର ପ୍ରଭାବରେ ପଡ଼ି ହୁଏତ କିଛି ମାତ୍ରାରେ ସ୍ୱାଧୀନଚେତା ହୋଇଯାଇଛନ୍ତି। ସତ୍ୟାନୁରାଗ ହେତୁ କିଛି ନିର୍ଭୀକ ହୋଇଯାଇଥିବା ମଧ ସ୍ୱାଭାବିକ। ଜୀବନରେ ଗୋଟାଏ ମହତ୍ତର ମୂଲ୍ୟର ବିକଳ୍ପ ଥିବାରୁ ହୁଏତ ଗ୍ରାସାଚ୍ଛାଦନ ତାଙ୍କର ଚରମ ଲକ୍ଷ୍ୟ ହୋଇପାରୁ ନାହିଁ। ସେହି ଅନୁପାତରେ ସେମାନେ ବିଚାରଶୀଳ, ସଦାଚାରୀ ଏବଂ ଜିଜ୍ଞାସୁ ହୋଇଯାଇଛନ୍ତି। ତାଙ୍କର ପରିବାର ଏତଦ୍ୱାରା ଦୁଃଖିତ ନୁହନ୍ତି। ସେମାନେ ସ୍ୱୟଂ ଅନୁତପ୍ତ ନୁହନ୍ତି। ତାଙ୍କୁ କୁଶିକ୍ଷିତ ବୋଲି ବାସନ୍ଦ କରିବା ପରିବର୍ତ୍ତେ ଏ ସମାଜ ବରଂ ତାଙ୍କୁ ନେଇ ଗର୍ବ ଅନୁଭବ କରୁଛି। ତେବେ ଏତଦ୍‌ସତ୍ତ୍ୱେ ଆପଣଙ୍କ ସଂଜ୍ଞା ଅନୁସାରେ ଯଦି ଏହା କୁଶିକ୍ଷା ପଦବାଚ୍ୟ, ମୋର ସେଥିରେ କିଛି କହିବାର ନାହିଁ।

କେବଳ ତରୁଣଙ୍କ ପ୍ରତି ମୋର ସେପରି କିଛି ପକ୍ଷପାତିତା ନାହିଁ। ସେମାନଙ୍କୁ ଦିଗ୍‌ଭ୍ରାନ୍ତ କରିବାର ଅଭିସନ୍ଧି ମଧ ମୋର ନାହିଁ। ସତ କହୁଛି, ମୁଁ କେବେହେଲେ ଭାବିନାହିଁ ଯେ ମୋ' ପାଖରେ ବସିଥିବା ବ୍ୟକ୍ତିଟି ବୃଦ୍ଧ କି ତରୁଣ। ବୟସ–ନିରପେକ୍ଷ ରହି, ମୁଁ କେବଳ ମୋର ଗୋଟିଏ ମାତ୍ର ଅଭିଳାଷ ପ୍ରକାଶ କରିଛି। ତାହା ହେଲା– ଯଦି କେହି ସତ୍ୟ କ'ଣ ଜାଣିଥାଅ, ଦୟାକରି ମୋତେ ସେଇଠି ପହଞ୍ଚାଇଦିଅ। ତରୁଣମାନଙ୍କ ସହିତ ଆଳାପ କଲାବେଳେ ମଧ ମୋର ସମଗ୍ର ଚେତନା ଏହି ଏକମାତ୍ର ଅଭୀପ୍ସାରେ ଆଚ୍ଛନ୍ନ ରହିଥାଏ। ମୁଁ ନିଜକୁ ନିଜେ ପ୍ରଶ୍ନ କରିବାକୁ ଯାଇ ସେମାନଙ୍କୁ ଅନେକ କଥା ପଚାରିପକାଏ। ସେ ଅସ୍ୱସ୍ତିକର ପ୍ରଶ୍ନଗୁଡ଼ିକ ତାଙ୍କ ଭିତରକୁ ବୁଡ଼ିଗଲାବେଳେ ସେମାନେ ଅସ୍ଥିର ବୋଧ କରୁଥିବେ। ସମସ୍ତେ ସେଇଭଳି ଅସ୍ଥିର ବୋଧ କରନ୍ତି, ମୁଁ ମଧ। ଅନ୍ତର୍ମୁଖୀ ହୋଇଯାଏ ସେମାନଙ୍କ ଦୃଷ୍ଟି। ସେମାନେ ଖୋଜିବାକୁ ଆରମ୍ଭ କରନ୍ତି, ପ୍ରତ୍ୟେକ ନାମ ରୂପର ପଶ୍ଚାତ୍‌ରେ ସେଇ ଗୋଟିଏ ମାତ୍ର ରହସ୍ୟକୁ, ଯାହାକୁ ମୁଁ ଏବେ ମଧ ଖୋଜୁଛି। ତରୁଣମାନେ ହୁଏତ ମୂଳତଃ ଦିଗ୍‌ଭ୍ରାନ୍ତ। ସେମାନେ ଜାଣିବାକୁ ଚାହାନ୍ତି ସେମାନଙ୍କର ଲକ୍ଷ୍ୟ, ଏଣୁ ସ୍ୱତଃ ମୋ' ପାଖକୁ ଆସନ୍ତି ଦିଗ୍‌ଭ୍ରାନ୍ତ ହେବାକୁ ନୁହେଁ, ଦିଗ ପାଇବାକୁ। ମୁଁ ତାଙ୍କୁ ହୁଏତ ଦିଗ ଦେଖାଇପାରେ ନାହିଁ, କିନ୍ତୁ ନିଷ୍ଠାର ସହିତ ଖୋଜିବା ଶିଖେଇଦିଏ। ସେମାନଙ୍କ ଯାତ୍ରା ଆହୁରି ଅନେକ ବାକି। ଏଣୁ ସେଭଳି ଦିଗ ଖୋଜିବା ତାଙ୍କ ପାଇଁ ସାର୍ଥକ ଏବଂ ଯଥାର୍ଥ। କିନ୍ତୁ ଯେଉଁମାନଙ୍କର ଯାତ୍ରା ସରିଆସିଲାଣି ସେମାନେ ଜାଣିବାକୁ ଚାହାନ୍ତି, କେଉଁ ବାଟେ ଆସିଲେ ଏବଂ ଅବଶିଷ୍ଟ କେଉଁ ବାଟେ ଯିବେ। ଏଇ କାରଣରୁ ହୁଏତ ସେମାନେ ଅପେକ୍ଷାକୃତ କମ୍ ସଂଖ୍ୟାରେ ମୋ' ପାଖକୁ ଆସିଥିବେ, ମୁଁ ଲକ୍ଷ୍ୟ କରିପାରିନାହିଁ।

ସେମାନେ ଆସିନାହାନ୍ତି ସତ, ମୁଁ କିନ୍ତୁ ଯାଇଛି ସେଇଭଳି ଅନେକଙ୍କ ପାଖକୁ। ଯେତେବେଳେ ଶୁଣିଛି ଯେ ସେମାନେ ବିଜ୍ଞ, ବହୁଶାସ୍ତ୍ରରେ ଅଧିତବିଦ୍ୟ ମୁଁ ତାଙ୍କ ପାଖରେ ପହଞ୍ଚିଛି ଅନେକ ଭରସା ନେଇ। ମୋର ଏକମାତ୍ର ଉଦ୍ଦେଶ୍ୟ କେବଳ ସତ୍ୟର ଅନୁସନ୍ଧାନ। ଗଭୀର ଉତ୍କଣ୍ଠାରେ ମୁଁ ସେମାନଙ୍କ ଜ୍ଞାନକୁ ପରୀକ୍ଷା କରିଛି। ନିର୍ମମ ଭାବରେ ପ୍ରଶ୍ନ କରିଛି; କାରଣ ସତ୍ୟ ମୋ' ଜୀବନର ବୃହତ୍ତମ ମୂଲ୍ୟ। ସେମାନଙ୍କ ଭିତରର ଅନ୍ଧି–କନ୍ଧି ଖୋଜିସାରିଲା ପରେ ରିକ୍ତହସ୍ତରେ ଯେତେବେଳେ ମୁଁ ବିଷଣ୍ଣ ହୋଇ ଠିଆ ରହିଥାଏ, ମୁଁ ବୁଝିପାରେ ନାହିଁ, କାହିଁକି ସେ ମହାଶୟ କ୍ରୋଧରେ ଅଗ୍ନିବର୍ଷା କରୁଥା'ନ୍ତି ଏବଂ ମୋ' ଚାରିଆଡ଼େ ଗୋଟାଏ ବିମୁଗ୍ଧ ଜନତା କାହିଁକି ମୋତେ ଅଭିନନ୍ଦିତ କରୁଥା'ନ୍ତି। ମୋତେ ବିଶ୍ୱାସ କରନ୍ତୁ, ମୁଁ କେବେ କାହାର ଅନିଷ୍ଟ କରିବା ଚିନ୍ତା କରିନାହିଁ, ମୋ' ଦ୍ୱାରା କେହି କେବେ ଲାଞ୍ଛିତ ହେଉ ବା ଅପମାନିତ ହେଉ ଏହା କେତେବେଳେ ମୋର ଉଦ୍ଦେଶ୍ୟ ନୁହେଁ। କିନ୍ତୁ ମୋର ଦୁର୍ଭାଗ୍ୟ ଯେ, ଆପଣଙ୍କ ତଥାକଥିତ ଜ୍ଞାନୀ ପଣ୍ଡିତ ମାନବୀୟ ବ୍ୟକ୍ତି ସମସ୍ତେ ଯାହା ଦେଖାଯା'ନ୍ତି; ପ୍ରକୃତରେ ସେ ତାହା ନୁହନ୍ତି। ସେମାନଙ୍କର ପ୍ରକାଣ୍ଡ ଆବରଣ ଭିତରୁ ତାଙ୍କର ପ୍ରକୃତ ଖର୍ବ ଦୁର୍ବଳ ରୂପଗୁଡ଼ିକୁ ପ୍ରକାଶିତ କରିବାରେ ମୁଁ ଅବଶ୍ୟ ଦାୟୀ। ସମୟ ସମୟରେ ଯାହା ଆବିଷ୍କୃତ ହୋଇଛି, ସେଥିପାଇଁ ସେ ମହାଶୟ କିମ୍ବା ଆପଣ, ଅଥବା ମୁଁ ନିଜେ ପ୍ରସ୍ତୁତ ନ ଥିଲୁ। ନିଜର ନିରାବରଣ ନଗ୍ନରୂପ ପାଇଁ କେହି କେତେବେଳେ ପ୍ରସ୍ତୁତ ନ ଥା'ନ୍ତି। ଏଣୁ ହୁଏତ ଲାଞ୍ଛନା ଏବଂ ଅପମାନ ହେଲା ବୋଲି ଅଭିଯୋଗ କରାହୋଇଛି।


ମୁଁ ବାରମ୍ବାର କହିଛି ଏବଂ ଏବେ ମଧ ଦୃଢ଼ତାର ସହିତ ଘୋଷଣା କରୁଛି ଯେ ମୁଁ ଅଜ୍ଞ। କୌଣସି ପଣ୍ଡିତମ୍ମନ୍ୟ ବ୍ୟକ୍ତି ଏହା ହୁଏତ କରିପାରନ୍ତା ନାହିଁ। ତଥାପି ମୋତେ ଆପଣମାନେ ପୃଥିବୀର ସର୍ବଶ୍ରେଷ୍ଠ ଜ୍ଞାନୀ ବୋଲି ପ୍ରଚାର କରୁଛନ୍ତି। ଆପଣ କେଉଁ କାରଣରୁ ସେପରି କହୁଛନ୍ତି, ମୁଁ ଅନୁମାନ କରିପାରୁଥିଲେ ସୁଦ୍ଧା ଏଭଳି ଅପପ୍ରଚାରର କାରଣ ଆପଣମାନେ ଜାଣନ୍ତି ନାହିଁ। କହୁଛି ଶୁଣନ୍ତୁ, ବୁଦ୍ଧି ହେଲା ଦିନଠାରୁ ମୁଁ ମୋର ଅଜ୍ଞତା ବିଷୟରେ ଗଭୀର ଭାବରେ ସଚେତନ ଥିଲି। ଏକଦା ଦୈବୀବାଣୀ ହେଲା ଯେ ମୁଁ ଏ ପୃଥିବୀର ବିଜ୍ଞତମ ବ୍ୟକ୍ତି। ଦେଶ ଦେଶାନ୍ତରେ ପର୍ଯ୍ୟଟନ କରି ମୁଁ ଶେଷରେ ଦୈବୀବାଣୀ ସତ୍ୟ ବୋଲି ପ୍ରମାଣ ସଂଗ୍ରହ କଲି। ଏଥିରେ ସନ୍ଦେହ ନାହିଁ ଯେ ମୁଁ ହିଁ ପୃଥିବୀର ବିଜ୍ଞତମ ବ୍ୟକ୍ତି। ଆପଣ ନିଶ୍ଚୟ କହିବେ ଯେ ଅଭିଯୋଗ ଏହିଠାରେ ପ୍ରମାଣିତ ହୋଇଗଲା। ଏହା ହିଁ ତ ଦମ୍ଭୀ, ଦର୍ପୀ, ପଣ୍ଡିତମ୍ମନ୍ୟ ମୂର୍ଖର ଭାଷା! କିନ୍ତୁ ମୋ' ଜୀବନର ବିଚିତ୍ର ବିଡ଼ମ୍ବନା ଶୁଣନ୍ତୁ। ମୋ' ମାଧ୍ୟମରେ ଦୈବୀବାଣୀ ସମଗ୍ର ମାନବ ଜାତିକୁ ପରିହାସ କରିଛି। ମଣିଷ ମାତ୍ରେ ଅଜ୍ଞ। ଏଣୁ ଅନ୍ତତଃ ଏଇ ଟିକକ ଜ୍ଞାନର ଅଧିକାରୀ ହୋଇଥିବାରୁ ମୁଁ ବିଜ୍ଞ। ମୁଁ ନିଜେ ଅଜ୍ଞ ବୋଲି ଜାଣିବା ହିଁ ମୋର ବିଜ୍ଞତା। ଏଣୁ ଆପଣମାନେ ଯେତେବେଳେ ମୋତେ ପୃଥିବୀର ବିଜ୍ଞତମ ବ୍ୟକ୍ତି ବୋଲି ଆଖ୍ୟାତ କରନ୍ତି, ମୁଁ ଏ କ୍ଷୁଦ୍ର ପୃଥିବୀଟି ପାଇଁ ଏବଂ ତା' ଉପରେ ବାସ କରୁଥିବା ଏ ଅସଂଖ୍ୟ ବ୍ୟକ୍ତିଗୁଡ଼ିକଙ୍କ ପାଇଁ ଲଜ୍ଜିତ ହୁଏ, ସେମାନଙ୍କର ଅନିବାର୍ଯ୍ୟ ବିଧିଲିପି ପାଇଁ ମର୍ମାହତ ହୁଏ। ହେ ମୋର ବିଜ୍ଞ ବିଚାରକମଣ୍ଡଳୀ, ଅଜ୍ଞତା ହିଁ ମାନବ ଜାତିର ଚିରନ୍ତନ ଅଭିଶାପ। ଏହି କାରଣରୁ ହୁଏତ ଯେ ସତ୍ୟର ସନ୍ଧାନ କରେ, ସେ ସାଧାରଣତଃ ମାନବ ସ୍ୱଭାବର ବିରୁଦ୍ଧାଚରଣ କରେ।

> ମୁଁ ବାରମ୍ବାର କହିଛି ଏବଂ ଏବେ ମଧ ଦୃଢ଼ତାର ସହିତ ଘୋଷଣା କରୁଛି ଯେ ମୁଁ ଅଜ୍ଞ। କୌଣସି ପଣ୍ଡିତମ୍ମନ୍ୟ ବ୍ୟକ୍ତି ଏହା ହୁଏତ କରିପାରନ୍ତା ନାହିଁ। ତଥାପି ମୋତେ ଆପଣମାନେ ପୃଥିବୀର ସର୍ବଶ୍ରେଷ୍ଠ ଜ୍ଞାନୀ ବୋଲି ପ୍ରଚାର କରୁଛନ୍ତି। ଆପଣ କେଉଁ କାରଣରୁ ସେପରି କହୁଛନ୍ତି, ମୁଁ ଅନୁମାନ କରିପାରୁଥିଲେ ସୁଦ୍ଧା ଏଭଳି ଅପପ୍ରଚାରର କାରଣ ଆପଣମାନେ ଜାଣନ୍ତି ନାହିଁ। କହୁଛି ଶୁଣନ୍ତୁ, ବୁଦ୍ଧି ହେଲା ଦିନଠାରୁ ମୁଁ ମୋର ଅଜ୍ଞତା ବିଷୟରେ ଗଭୀର ଭାବରେ ସଚେତନ ଥିଲି।

ଈଶ୍ୱର କ'ଣ ମୁଁ ଜାଣେନା। ସେ ଜ୍ଞାନ ମୋର ନାହିଁ। ଅସଂଖ୍ୟ ତଥାକଥିତ ବିଜ୍ଞ ଲୋକେ ସେ ବିଷୟରେ ଅନେକ ପ୍ରଗଲ୍‌ଭ ଭାଷଣ ଦେବାର ହୁଏତ ଶୁଣିଛି। ସେମାନଙ୍କ ଅଜ୍ଞତାରେ ମୋର ଅଜ୍ଞତା ଦୃଢ଼ୀଭୂତ ହୋଇଛି କେବଳ, କିନ୍ତୁ ସର୍ବସମକ୍ଷରେ ମୋ' ଜୀବନର ନିଗୂଢ଼ତମ ରହସ୍ୟ ଆଜି ପ୍ରକାଶ କରୁଛି, ଶୁଣନ୍ତୁ। ମୋ' ଭିତରେ ଗମ୍ଭୀର ଘଣ୍ଟାଧ୍ୱନି ପରି ଗୋଟାଏ ଶାଣିତ ସ୍ୱର ମୁଁ ଅହରହ ଶୁଣୁଥାଏ। ସେ ସ୍ୱର କେବଳ ବରଣ କରେ; ଅସତ୍ୟ, ଅଶୁଭ, ଅକଲ୍ୟାଣରୁ ଯେ ମୋତେ ଦୃଢ଼ଭାବରେ ନିବୃତ୍ତ କରେ। ମୁଁ କେବଳ ତା'ଠାରୁ ଶୁଣିଆସିଛି– ନା, ନା, ନେତି, ନେତି, ନେତି। ସେ କଦାପି କହିନାହିଁ, ଏହା ହିଁ ସତ୍ୟ, ଏହା ହିଁ ମାର୍ଗ, ଏହା ହିଁ ଶୁଭ। ଏଣୁ ମୋର ଏ ଦୁଃଖମୟ ଜୀବନ। ମୁଁ ତାକୁ ଶୁଣେ, ନ ଶୁଣିବାର ଉପାୟ ନାହିଁ। ମୁଁ ସେ ଅଗ୍ନି ପ୍ରବାହକୁ ଧାରଣ କରେ, ଧାରଣ ନ କରିବାର ଉପାୟ ନାହିଁ। ସେ ହିଁ ମୋତେ ଯନ୍ତ୍ରବତ୍ ଚାଳିତ କରେ। ଏପରି ଏକ ଅଦ୍ଭୁତ ସାନ୍ନିଧ୍ୟରେ ମୁଁ ନାସ୍ତିକ ହେବା କ'ଣ ସମ୍ଭବ? ମୁଁ ଆପଣଙ୍କର ଦେବତା ମନ୍ଦିରକୁ ଅବିଶ୍ୱାସ କରେନାହିଁ; ଅବମାନନା କରିବା ମୋର ଧର୍ମ ନୁହେଁ। ମୁଁ ବରଂ ତା'ର ପରିସର ଯଥେଷ୍ଟ ବିସ୍ତୃତ କରିନିଏ। ଏ ଦିଗନ୍ତ ହୋଇଯାଏ ତା'ର ସୀମା, ଆକାଶ ହୋଇଯାଏ ତା'ର ଶୀର୍ଷ। ହେ ମୋର ଦେଶବାସୀ, ମୁଁ ତୁମକୁ କେଉଁ ଭାଷାରେ ବୁଝାଇବି ଯେ ମୋର ଆଚରଣ ତୁମଭଳି ନ ହେଲେ ସୁଦ୍ଧା ମୁଁ ନାସ୍ତିକ ନୁହେଁ। ସେ ସବୁ ବୁଝାଇବାକୁ ଏଠି ମୋର ଅବସର କାହିଁ? ପ୍ରୟୋଜନ ବା କାହିଁ?

ଆପଣମାନେ ହୁଏତ ଭାବୁଥିବେ ଯେ, ଆପଣଙ୍କଠାରୁ ଏତେ ଭିନ୍ନ ମତ ପୋଷଣ କରି ସକ୍ରେଟିସ୍ ଅନ୍ତତଃ ନିଶ୍ଚୟ ଦେଶଦ୍ରୋହୀ। ଏ ବିପୁଳ ସଂଖ୍ୟକ ନାଗରିକ ହିଁ ତ ଦେଶର ପ୍ରତୀକ! ସେମାନଙ୍କ ସ୍ୱାର୍ଥ ଦେଶର ସ୍ୱାର୍ଥ, ସେମାନଙ୍କର ମତ ଦେଶର ମତ। ଏଣୁ ସେମାନଙ୍କର ଦ୍ରୋହାଚରଣ ଅବଶ୍ୟ ଦେଶଦ୍ରୋହ ହେବା ଯୁକ୍ତିସମ୍ମତ। କିନ୍ତୁ ତାହା ନୁହେଁ। ମନ ପ୍ରାଣରେ ସତ୍ୟର ଅକୂପାର ଭାର ବହନ କଲାପରେ ଆଉ କୌଣସି ଆବେଗ ପାଇଁ ଜୀବନରେ ଅବକାଶ ନ ଥାଏ। ସମୁଦ୍ରର ସନ୍ଧାନରେ ବୋହିଯାଉଥିବା ନଦୀ କୂଳର ଦ୍ରୋହାଚରଣ କରେ ନାହିଁ। ତାକୁ ସମୟ ନ ଥାଏ ଆଖି ଟେକି ଉଭୟ ପାର୍ଶ୍ୱକୁ ଚାହିଁଦେବାକୁ। ସେ ଗୋଟିଏ ମାତ୍ର ଭାବନାରେ ତଲ୍ଲୀନ ଥାଏ। ତା'ର ସେ ସ୍ୱାଭାବିକ ପ୍ରବେଗରେ, ଅନିଚ୍ଛାକୃତ ତାଡ଼ନରେ ଯଦି କୂଳରୁ କିଛି ଧସିଗଲା, ସେଥିପାଇଁ ତା'ର ଆୟତ୍ତ କ'ଣ? ଦ୍ରୋହାଚରଣ ମୋ' ଚରିତ୍ରର ଅସମ୍ଭବ ବିରୋଧ। ମୁଁ ଆପଣଙ୍କର କିମ୍ବା କୌଣସି ଦେଶର ଦ୍ରୋହ କରିପାରିବି ନାହିଁ। ଯା' ବାହାରେ ଆପଣମାନେ ଏ ଦେଶର ନାଗରିକ ହେଲେ ମଧ କେତୋଟି ଯୁଗଚାରୀ ବିନ୍ଦୁ ମାତ୍ର! ଆପଣଙ୍କୁ ପ୍ରତି ମୁହୂର୍ତ୍ତରେ ଦେଶ ପରିହାର କରି ନୂତନକୁ ଗ୍ରହଣ କରୁଛି। ଆପଣ ଏ ଦେଶର ଯୁଗଯୁଗ ବ୍ୟାପୀ ପ୍ରସାରିତ ବ୍ୟକ୍ତିତ୍ୱ ସହିତ ସମ–ପରିମିତ ନୁହନ୍ତି। ତା'ର ଅବିଚଳିତ ଆତ୍ମା ସହିତ ପରିଚିତ ନୁହନ୍ତି। ଯାହା ସତ୍ୟ, ତାହା ଚିରକାଳ ସତ୍ୟ। ଆପଣ ସାମୟିକ ଆବେଗର ବଶବର୍ତ୍ତୀ। ଏଣୁ ଦେଶପ୍ରେମର ଯେତେ ଅଭିନୟ କଲେ ସୁଦ୍ଧା ଆପଣ ପ୍ରକୃତରେ ସ୍ୱାର୍ଥପର। ନିଜର ଭୋଗବିଳାସ ପାଇଁ ପରୋକ୍ଷରେ ଦେଶର ସମୃଦ୍ଧିକୁ ଆପଣ ବିନିଯୋଗ କରନ୍ତି। ନିଜର ସ୍ୱାଚ୍ଛନ୍ଦ୍ୟ ପାଇଁ ଆପଣ ଦେଶକୁ ବିକ୍ରି କରିଦେଇପାରନ୍ତି ଏବଂ ଜାଣିପାରନ୍ତି ନାହିଁ ଦେଶକୁ ବିକ୍ରି କଲେ ବୋଲି। ମୁଁ କିନ୍ତୁ ଆପଣଙ୍କର ଅନ୍ଧ ସ୍ତାବକ ନୁହେଁ। ଏଣୁ ଆପଣଙ୍କ ଅନୁଗାମୀ ନ ହେବା ସ୍ୱାଭାବିକ। ମୁଁ ଦେଶର ତ୍ରିକାଳ–ଦ୍ରଷ୍ଟା। ତା'ର ଶ୍ରେୟ ସାଧନ ପାଇଁ ମୁଁ ଯଥାସମ୍ଭବ ତତ୍ପର। ମୋର ସ୍ୱାର୍ଥ ପାଇଁ ମୁଁ କେବେ ଚିନ୍ତା କରିନାହିଁ। ଏଣୁ ଆପଣଙ୍କ ସହିତ ମୋର ଧର୍ମର ବିରୋଧ ନିଶ୍ଚୟ ରହିଛି। କିନ୍ତୁ ଦେଶଦ୍ରୋହର ମାତ୍ରା କେଉଁ ପକ୍ଷରେ କେତେ, ତାହା ସ୍ଥିର ମନରେ ବିଚାର କରନ୍ତୁ।

ଆପଣଙ୍କ ପ୍ରତିକ୍ରିୟାରୁ ମୁଁ ବୁଝିପାରୁଛି ଯେ, ଏ ନ୍ୟାୟାଳୟରେ ଥାଇ ସୁଦ୍ଧା ମୋର ଆଚରଣ ଆପଣଙ୍କର ଆଶାନୁରୂପ ହୋଇପାରୁ ନାହିଁ। ମୁଁ ସେଥିପାଇଁ ନାଚାର। ମୁଁ ଜାଣେ ଯେ ଆପଣଙ୍କୁ ପ୍ରୀତ କରି ନ ପାରିଲେ ଆପଣ ମୋତେ ହତ୍ୟା କରିପାରନ୍ତି। କରନ୍ତୁ। ଏ ବୟସରେ ମୃତ୍ୟୁକୁ ମୁଁ ସବୁବେଳେ ମୋ' ସମ୍ମୁଖରେ ସ୍ଥାପିତ କରିଛି। ଏଣୁ ତାକୁ ଡରିବା ସମ୍ଭବ ନୁହେଁ। ମୋ' ପରିସ୍ଥିତିରେ ଆହୁରି ଅନେକ ବୃଦ୍ଧ ନତଜାନୁ ଆପଣଙ୍କୁ ପ୍ରାଣଭିକ୍ଷା କରିଛନ୍ତି। ସେମାନଙ୍କର ପୁତ୍ରକଳତ୍ରକୁ ଡକାଇ ସେମାନଙ୍କ ଅଶ୍ରୁ ଜରିଆରେ ସହାନୁଭୂତି ଭିକ୍ଷା କରିଛନ୍ତି। ମୁଁ ସେଭଳି କରୁନାହିଁ ବୋଲି ଆପଣ ଆହୁରି ଆହତ ଅନୁଭବ କରୁଛନ୍ତି। ମୁଁ କ'ଣ ତା'ହେଲେ ମଣିଷ ନୁହେଁ? ମୁଁ ସ୍ୱୀକାର କରୁଛି, ଧର୍ମାବତାର, ମୁଁ କାଠ ନୁହେଁ କିମ୍ବା ପଥର ନୁହେଁ। ରକ୍ତ–ମାଂସ କ୍ଷୁଧା–ତୃଷାର ମୁଁ ବି ଏକ ମଣିଷ। ମୋର ପରିବାର ଅଛି, ପତ୍ନୀ ଅଛି, ନାବାଳକ ସନ୍ତାନ ଅଛନ୍ତି; କିନ୍ତୁ ସେମାନଙ୍କୁ ଆଣି ଆପଣଙ୍କୁ ଖୋସାମତ କରିପାରୁନାହିଁ ବୋଲି ଏ ବୃଦ୍ଧ ଆପଣଙ୍କ ପାଇଁ ଦୁଃଖ ପ୍ରକାଶ କରୁଛି। ସେପରି କରିବା ଦ୍ୱାରା ସମସ୍ତଙ୍କର ମର୍ଯ୍ୟାଦା ହାନି ହେବାର ଆଶଙ୍କା ରହିଛି। ସାମାନ୍ୟ ଆଉ କେତେଟା ଦିନ ସକାଶେ ଜୀବନ ଭିକ୍ଷା କରି ମୁଁ ମୋର ଆତ୍ମାକୁ ଅବନମିତ କରିପାରୁ ନାହିଁ। ଆପଣ ନ୍ୟାୟର ଆସନରେ ବସିଥିବା ପର୍ଯ୍ୟନ୍ତ କୌଣସି ଦୁର୍ବଳ ବିନ୍ଦୁରେ ଆପଣଙ୍କୁ ପ୍ରଭାବିତ କରି ନ୍ୟାୟାଳୟର ଅବମାନନା କରିପାରୁ ନାହିଁ। ମୋତେ ଯେହେତୁ ଆପଣମାନେ ସର୍ବସମ୍ମତିକ୍ରମେ ଏକ ଅସାଧାରଣ ବ୍ୟକ୍ତି ବୋଲି ଆଖ୍ୟାତ କରିସାରିଛନ୍ତି, ଅନ୍ୟ ଦେଶର ଲୋକଙ୍କୁ ମୁଁ ସୁଯୋଗ ଦେଇପାରୁ ନାହିଁ, ମୋର କ୍ଳୀବତାର ଦୃଷ୍ଟାନ୍ତ ଦେଇ ସେମାନେ ଏ ଦେଶଟାକୁ ଉପହାସ କରନ୍ତୁ।





କିନ୍ତୁ ହେ ସମାଜର ପଟ୍ଟପୁରୋଧାଗଣ, ମୁଁ ତଥାପି କହିବି ଯେ ଆପଣ ଏଥିରୁ ନିବୃତ୍ତ ହୁଅନ୍ତୁ। ମିଥ୍ୟା ଅସୂୟାର ବଶବର୍ତ୍ତୀ ହୋଇ ଆପଣମାନେ ମୋତେ ହତ୍ୟା କରନ୍ତୁ ନାହିଁ। କାରଣ ମୁଁ ମରିଗଲେ ମୋ' ଭଳି ଆଉ ଜଣକୁ ଆପଣ ଆଉ ପାଇବେ ନାହିଁ। ମାଲିକର ନିର୍ଦ୍ଦେଶରେ ଡାଆଁଶ ଭଳି ଆପଣଙ୍କ ଲାହୁଡ଼ ମାରି ବାରମ୍ବାର ଜାଗ୍ରତ ରଖିବା ଥିଲା ମୋର ଅସାଧାରଣ ଭୂମିକା। ମୁଁ ଚାଲିଗଲେ ଆପଣମାନେ ଶୋଇଯିବେ; ନିଶ୍ଚେତନ, ସ୍ଥବିର ହୋଇଯିବେ। ଆପଣଙ୍କ ପାଇଁ ଆପଣଙ୍କର ଅସଂଖ୍ୟ ବଂଶଧର ଅନୁତପ୍ତ ନ ହୁଅନ୍ତୁ। ଆପଣଙ୍କ ଆଚରଣରେ ଦେଶ ଲଜ୍ଜିତ, କଳଙ୍କିତ ନ ହେଉ। ସାଧୁର ରକ୍ତପାତ କରି ଆପଣ କଳୁଷିତ ନ ହୁଅନ୍ତୁ। ଏଥିପାଇଁ କେବଳ ଆପଣଙ୍କୁ ସତର୍କ କରିଦେବା ଉଚିତ ମନେକଲି। ଏଣିକି ଆପଣ ଇଚ୍ଛାନୁରୂପ ବିଚାର କରିପାରନ୍ତି। ମୋର ଆଉ କିଛି କହିବାର ନାହିଁ।

x x x x x x x x

ଆପଣଙ୍କ ବିଚାରରେ ମୁଁ ଆଦୌ ବିସ୍ମିତ ନୁହେଁ। ମୁଁ ପ୍ରତ୍ୟେକ ଆଖିରେ ଏହାର ପ୍ରତିଫଳନ ଅନେକବେଳୁ ଲକ୍ଷ୍ୟ କରିସାରିଥିଲି। ଏଣୁ ପ୍ରାଣଦଣ୍ଡର ନିଷ୍ପତ୍ତି ପାଇଁ ମୁଁ ପ୍ରାୟ ପ୍ରସ୍ତୁତ ଥିଲି। ତାହା ହିଁ ହେଲା। କିନ୍ତୁ ଏହା ପରେ କାହିଁକି ପୁଣି ଦରଖାସ୍ତ କରିବାକୁ ମୋତେ ଅନୁମତି ଦେଇଛନ୍ତି? ଆପଣ କ'ଣ ତଥାପି ଆଶା କରୁଛନ୍ତି ଯେ ମୁଁ ମୃତ୍ୟୁ ଭୟରେ ଆଜୀବନ କାରାଦଣ୍ଡ ବା ଦ୍ୱୀପାନ୍ତର ପାଇଁ ପ୍ରାର୍ଥନା କରିବି, କିମ୍ବା କିଛି ଅର୍ଥଦଣ୍ଡ ବିନିମୟରେ ମୋତେ ଖଲାସ କରାଯାଉ ବୋଲି ଅରଜି କରିବି? ଏଭଳି ଚିନ୍ତା କରିବାକୁ ହିଁ ମୋତେ ଭାରି କୌତୁକ ଲାଗୁଛି। ଧରାଯାଉ ଅର୍ଥଦଣ୍ଡ। ଆପଣ କ'ଣ ମୋର ଅବସ୍ଥା ଅନୁପାତରେ ତାକୁ ହ୍ରାସ କରିପାରିବେ? ମୋ' ପାଖରେ ବର୍ତ୍ତମାନ ମାତ୍ର ତିନୋଟି ପଇସା ଅଛି। କିନ୍ତୁ ମୋ' ବିରୁଦ୍ଧରେ ଯାଇଥିବା ତେତିଶଟି ମତକୁ ଅନ୍ତତଃ ଗୋଟିଏ ପଇସାଟିର ଦରରେ କ୍ରୟ କଲେ ଆଉ ତିରିଶ ପଇସା ନିଅଣ୍ଟ ହୋଇଯାଉଛି। ଏଠି ମୋର ପରିଚିତ ଅନେକ ତେଜୀୟାନ୍ ତରୁଣ ସବୁ ବସିଛନ୍ତି। ଆପଣ କହନ୍ତି ଯେ ସେମାନେ ମୋର ଶିଷ୍ୟ ଆପଣ କୁହନ୍ତି– ପ୍ଲାଟୋ, କ୍ରିଟୋ, ପଦ୍ମପାଦ, ସୁରେଶ୍ୱର, ବିବେକାନନ୍ଦ! ମାତ୍ର ତିରିଶଟି ପଇସା ପାଇଁ ଅଙ୍ଗୀକାର ଦେଇପାରିବ? ତେତିଶଟି ପଇସା ଦେଇ ତୁମ 'ଗୁରୁ'ର ପ୍ରାଣଭିକ୍ଷା କରିବ କହୁଛ?

ହେ ମୋର ଦେଶବାସୀ, ମୁଁ ତୁମକୁ କେଉଁ ଭାଷାରେ କହିବି ଏବଂ କିପରି ବିଶ୍ୱାସ କରାଇପାରିବି ଯେ ମୁଁ ଦଣ୍ଡିତ ହୋଇପାରେନା? ଦଣ୍ଡ ଦେବାକୁ ଏଡ଼େ ବ୍ୟଗ୍ର, ଉତ୍କଣ୍ଠିତ ଏ ଦେଶରେ ସମୟ ବା କାହିଁକି ଏଡ଼େ ବଡ଼ ସମସ୍ୟାର ଉପଯୁକ୍ତ ବିଚାର କରିବାକୁ? ଏତିକି ମାତ୍ର ଅବକାଶ ଭିତରେ ମୁଁ କିପରି ବିଶାଳତମ ସତ୍ୟର ସପକ୍ଷରେ ବୟାନ ଦେଇ ଆପଣଙ୍କୁ କହିବି ଯେ ମୋର ମୃତ୍ୟୁ ନାହିଁ ଏବଂ ଆପଣ ଯାହା କରୁଛନ୍ତି ତାହା ଭୁଲ କରୁଛନ୍ତି? ଏଣୁ ଏ ନ୍ୟାୟାଳୟରେ ଆକଣ୍ଠ ବିଷ ପାନ କଲା ପରେ କାଲି ସକାଳୁ ଆଉ ଗୋଟିଏ ମାତ୍ର ପିଆଲା ବିଷ ପିଇବାକୁ ମୋର ଆଦୌ କୁଣ୍ଠା ନାହିଁ। ସେଥିରେ ଚିର ଅବିଚଳିତ ସତ୍ୟ ଅବିଚଳିତ ହିଁ ରହିବ।

ଚରମ ବିଦାୟର ମୁହୂର୍ତ୍ତ ଆସିଗଲା। ଏଣିକି ଆମେ ନିଜନିଜ ପନ୍ଥାରେ ଚାଲିଯିବା। ମୁଁ ଯିବି 'ମରିବାକୁ' ଏବଂ ଆପଣ ଯିବେ 'ବଞ୍ଚିବାକୁ'। ଏଥିରୁ କେଉଁଠା ଶ୍ରେୟସ୍କର ହୁଏତ କେହି କହିପାରିବେ ନାହିଁ।



# କ ବି ତା

## ସହିଦ

**କୃଷ୍ଣ କୁମାର ମହାନ୍ତି**

**କେ**ହି ଜଣେ ଚାଲିଯିବା ପରି
ତୁମ ମୃତ୍ୟୁର ଖବର ନେଇ
ପହଞ୍ଚେ ପବନ।
ସ୍ତବ୍ଧ ହୋଇଯାଏ ମାଟି, ପାଣି ଓ ଆକାଶ
ନିଶ୍ଚଳତାରେ ବୁଡିଯାଏ
ଗଛପତ୍ର, ଆଖପାଖ ପରିବେଶ,
ମୋ' ଭିତରେ ଆଶ୍ରିତ ଅସହାୟ ପୀଡ଼ାମାନ
ଛଟପଟ ହୁଅନ୍ତି,
ଗୋଟେ ତନ୍ମୟ ଅନ୍ଧାର ତା'ପରେ
ଢାଙ୍କିଦିଏ ମୋର କ୍ଷତ ପୀଡ଼ିତ ଶରୀର
ଏକ ସଫେଦ୍ ବସ୍ତ୍ର ହୋଇ।

ସାରା ପୃଥିବୀକୁ ଯେପରି
ମାଡ଼ି ଆସେ ବିଶାଳ କାଳରାତ୍ରି।
ଆଲୋକିତ ମୁହଁମାନେ ଲାଗନ୍ତି
ଅନ୍ଧାର ଭିତରେ ଜଳୁଥିବା ଦୀପଶିଖା,
ମୋତେ ଶୁଭୁଥାଏ ଦୂରରୁ
ଖୁବ୍ ଦୂରରୁ ତୁମର ସେଇ ନିର୍ଭୀକ ସ୍ୱର
ଯେଉଁଥିରେ କେଉଁ ବୀରରସ ଥିଲା କେଜାଣି
ଏବେ ଆଖି ମୋର ପଥର।

ଜାଣେ, କେବେଦିନେ କହିଥିଲି ମୁଁ
ଯୁଦ୍ଧଭୂଇଁ, ରକ୍ତପାତ, ଲଢ଼େଇ
ଦୋହଲାଇ ଦେଇପାରେ ମୋ' ଆତ୍ମାକୁ
ସେତେବେଳେ ମାନବିକତାର ଗୁମ୍ଫାରେ
ତଥାପି ଲୁଚି ରହିଥିବା
ପରାଧୀନତାର ପରାସ୍ତ ପାଇଁ
ମୁଁ ନା ଧରେଇଥିଲି ତମକୁ ଅସ୍ତ୍ର!
ଆଜି, ତୁମ ସହିଦ ହେବାର ଖବରରେ
ଦେଖିବ ଆସ, ସେଇ ମୁଁ ହିଁ
କେମିତି ସାଜିଛି ନିସ୍ପନ୍ଦ ପଥର।

ଏବେ ତ ଚାରିଆଡ଼େ
ରାତିର ଜଙ୍ଗଲରେ ଦାଉଦାଉ ଦିଶୁଥିବା
ବାଘ ଆଖି ପରି ବିଛାଡ଼ି ହୋଇ ପଡ଼ିଛି
କୁଢ଼ କୁଢ଼ ସମବେଦନା
କିଏ ବି ପ୍ରସ୍ତୁତ ହେଲାଣି
ସାପର କୁଣ୍ଡଳିରେ ଅଟକିଥିବା 'କଷ୍ଟ'ଟେ ପରି
ଭାଙ୍ଗିଦେବାକୁ ମୋର ଦମ୍ଭ।

ମୁଁ ଶୁଣିପାରୁଛି,
ମୋ' ଚାରିପାଖେ ଅଗଣନ ହୃଦୟର ବିଳାପ
ଜୀବନ ପାଇଁ ତିକ୍ତ ହାହାକାର
ସମାଧି ପାଇଁ ଶେଷ ଆର୍ତ୍ତନାଦ
ମୁଁ ଦେଖିପାରୁଛି, ଧଳାଚାଦର ତଳେ
ନିସ୍ତେଜ ନିପୀଡ଼ିତର ଛିନ୍ନଭିନ୍ନ ଦେହ,
ଅଜସ୍ର ରଙ୍ଗିନ ଫୁଲଙ୍କ ଗହଳିରେ
ଆଖିବନ୍ଦ ସହିଦର ଅବୋଧ ମୁହଁ।

କହିବି ନାହିଁ କେଉଁଥିପାଇଁ ଏକା କରି ଦେଇଗଲ,
କେଉଁଥିପାଇଁ ଛାଡ଼ି ଦେଇଗଲ
ଲକ୍ଷ ଲକ୍ଷ ଅମଣିଷଙ୍କ ପୃଥିବୀରେ ମୋତେ!
କେବଳ ଏତିକି କହିବି
ପାପ ଭାରରେ ପାଷାଣ
ଏ ଭୂଖଣ୍ଡର ସବୁ ରକ୍ତମୁଖାଙ୍କୁ
ତୁମେ ଥରେ ମଣିଷ କରିଦିଅ
କରିଦିଅ ତୁମ ଭଳି।

ଏଣିକି ଯେଉଁ ପବନ
ତୁମ ନ ଥିବା ଖବର ନେଇ ଆସିଥିଲା
ସେଇ ପବନ ହାତରେ ହିଁ ପଠେଇବି
ମୋ' ଭିତରେ ଅଙ୍କୁରିତ
ତୁମର ସେଇ ଶେଷ ପ୍ରତିରୂପ।

-ପ୍ଲଟ୍ ନଂ. ୩୮୯/୩୨୦୬
ଫକୀରମୋହନ ନଗର, ବାଲେଶ୍ୱର
ମୋ: ୭୦୦୮୮୪୫୯୨୦

## ଅହଲ୍ୟା

**ଅଖିଳ କୁମାର ମିଶ୍ର**

**କା**ହାଣୀ କି ସାର୍ବଜନୀନ ଇତିହାସର
ଅଂଶ ହବାକୁ ଚାହିଁ ନ ଥିଲି,
ସମ୍ପୂର୍ଣ୍ଣ ଆତ୍ମହରା ଓ ବିସ୍ମରି ଯାଇଥିବା
ଚାରିକାନ୍ଥ ମତେ ଦବାଏ ବାରବାର।

ତୋଳୁଥିବା ଫୁଲଙ୍କର ଦୁଃସ୍ୱପ୍ନରେ
ଛାତି ଜୋର୍‌ରେ ଦଉଡ଼େ,
ବେଢଙ୍ଗ ଇଚ୍ଛା ପ୍ରାୟ ସବୁଜ ଘର,
ବର୍ଷା ଓ ସଡ଼କର ଧୂଳି,
ହାତଠାରେ ଆକାଶକୁ, ଡାକେ ସମୁଦ୍ରକୁ,
ମଣିଷ ମଣିଷ ସହ ମିଶୁଥିବା ସବୁ ଜାଗାକୁ।

କିଏ ଦେଖୁଚି!
ମୋ' ହାତରେ ମିଳାଇ ଯାଇଚି ସମୟ,
ବରଫାବୃତ ଏ ଜୀବନ,
ତରଳେ ନାହିଁ ଦଲକାଏ ଗରମ ପବନରେ।

ଯାହାକୁ ତମେ ଅଭିଶପ୍ତ ସମୟ କହ,
ତାହା ମୋର ଭାଗ୍ୟ, ଇଚ୍ଛାର ଛାଉଣୀ,
ଯେଉଁ ଇଚ୍ଛାରେ ଉବୁଟୁବୁ
ମୋ' ସହ ଜନ୍ମିଥିବା ସମସ୍ତ ଭଉଣୀ।

ମୁଁ ସବୁକାଳେ ଥାଏ,
ଅପେକ୍ଷାରତ
ଅତୀତ, ବର୍ତ୍ତମାନ, ଭବିଷ୍ୟତ ଓ
ଇତିହାସର ଚାରିକାନ୍ଥରେ।

ମୋ: ୭୯୭୮୩୬୬୭୬୦

## ଘାଆ

**ସନ୍ୟାସୀ ନାୟକ**

ମୁଁ ଭୋଗିଥିବା
ମୋ' ଯନ୍ତ୍ରଣା ନେଇ
କବିତା ଲେଖେ, ମୋ' ଘାଆ
ଆଉଁଶି ଆଉଁଶି
ବାରମ୍ବାର ଦେଖେ...।।

ମୋତେ କିଏ ଶୁଣୁ ବା ନ ଶୁଣୁ
ଭାବରେ ଶବ୍ଦ ବାନ୍ଧି ରଖେ,
ରକ୍ତାକ୍ତ ବକଳା କୁଣ୍ଡାଇ
ମୋ' ଘାଆସୁଖ ମୁଁ କେବଳ ଚାଖେ...।।

ରକ୍ତରେ... ମହୋତ୍ସବ ଲେଖେ
ପୂଯରେ... କଷ୍ଟ କଥା ରଖେ,
କ୍ଷତରୁ ଝରୁଥିବା ନଶାରେ
ସର୍ଜନ ଲାଗି ସଜବାଜ ହୁଏ...।।

ଘାଆ କଥା ଯାହାକୁ ବି କହେ
ଲୁହ ମୋର ନଈ ହୋଇ ବହେ,
କିଏ କାହିଁ ଶୁଣିବ ଯନ୍ତ୍ରଣା
ଏ ସଂସାର ଦୁଃଖ ପାଇଁ ଗୁହେଁ...।।

ମୋ' କବିତା ମୋ' ପାଖେପାଖେ ରହେ,
ମୋ' ସୃଜନର ମୁଁ ରଜା ବନିଥାଏ,
ମୋ' ଘାଆରୁ କବିତାଟିଏ ଜନ୍ମ ନେଉଥାଏ...।।

ଘାଆର ଯନ୍ତ୍ରଣା ନେଇ ଏ ଜୀବ ଯାଉ,
ଘାଆକୁ ଦେଖାଇ
ଏ ମଣିଷ କାହାକୁ କଷ୍ଟ ନ ଦେଉ,
ଘାଆ ମୋର ଘାଆ ହୋଇ ଥାଉ...।।

-ଚକ୍ଷୁ ଚିକିତ୍ସା ସହକାରୀ
ଜିଲା ମୁଖ୍ୟ ଚିକିତ୍ସାଳୟ, ପୁରୀ
ମୋ: ୯୪୩୭୩୫୨୫୬୦

## ଶବ୍ଦ

**ଇଂ. ସରୋଜ ମହାପାତ୍ର**

**ଶ**ବ୍ଦଟିଏ ହେବା ସହଜ ନୁହଁ
ତୁମେ କାହୁଁ ଜାଣିବ
ସମ୍ପର୍କକୁ ସଜେଇ
ଶବ୍ଦ କରିବା କେତେ କଷ୍ଟ!

ସମ୍ପର୍କ ଯେତେ ନିଷ୍ଠ ଯେତେ ପବିତ୍ର
ଶବ୍ଦ ସେତେ ସ୍ୱଚ୍ଛ ସେତେ ସ୍ପଷ୍ଟ।
ଏମିତି କିଛି ଶବ୍ଦ ଅଛି
ଯାହା ନିର୍ଦ୍ଦିଷ୍ଟ କିଛି ପାଇଁ ଉଦ୍ଦିଷ୍ଟ...

ଶବ୍ଦ ଭାଙ୍ଗିପାରେ ଶବ୍ଦ ଗଢ଼ିପାରେ
ଅଜସ୍ର ମୁକ୍ତି ସହସ୍ର ବନ୍ଧନ
ଶବ୍ଦଟିଏରେ ରହିପାରେ...

କିଛି ଶବ୍ଦ ଅଣନିଃଶ୍ୱାସୀ ହୋଇପଡ଼ନ୍ତି
ଆବହାୱାର ଚାପରେ
ଦେଖିଛି, ଶବ୍ଦମାନେ କେମିତି ଛଟପଟ
ନିରସ ମନର ଶୁଷ୍କ ସମୁଦ୍ରରେ।

କିଛି ଶବ୍ଦ ସମୟର ଅପେକ୍ଷାରେ
ପଙ୍ଗୁ ପାଲଟେ
କିଛି ସମୟ, ସାମାନ୍ୟ ଶବ୍ଦରେ
ନିଃସହାୟ ହୋଇପଡ଼େ।

ଶବ୍ଦ କାନ୍ଦେ
କେହି ନ ଦେଖିଲା ଭଳି
ଶବ୍ଦ ଦ୍ରୋହ କରେ
କେହି ନ ଜାଣିଲା ଭଳି।

ଅନେକ ଶବ୍ଦ ମରୁଥାଏ
ପ୍ରତିଶୋଧର ନିଆଁରେ...॥

ମୋ: ୯୪୩୭୦୬୪୬୯୩

## ଗୀତି-କବିତା


## ସମୟ

**ସୁଶ୍ରୀ ଇନ୍ଦିରା ପ୍ରିୟଦର୍ଶିନୀ ନନ୍ଦ**

**ଜୀ**ବନର ମାନେ ଉତ୍ଥାନ ପତନ
ନୁହେଁ ସେ ତ ଚିରସ୍ଥାୟୀ,
ସମୟର ପଥ ଅତିକ୍ରମ କଲେ
ଲାଗି ରହେ ଖରା ଛାଇ।
ସଫଳତା ଯଦି ମନ ତଳ ଆଶା
ବୁକୁରେ ସାହସ କାହିଁ?
ଉଲ୍ଲାସ କାହିଁ ଚିତ୍ତ- ତପୋବନେ
ଉଦ୍ୟମ ଯଦି ନାହିଁ।

ନିରାଶାକୁ ଯଦି ଫେଡ଼ିବ ଆଶାରେ
ପାଇଲେ ପାଇବ ଶାନ୍ତି,
ଅହଂକାରେ ଯଦି ଭାଗ କର କ୍ରୋଧ
ମିଳିଲେ ମିଳିବ ମୁକ୍ତି।

-ସାମାଜିକ କର୍ମୀ, ଭୁବନେଶ୍ୱର
ମୋ: ୭୬୮୨୦୪୨୧୦୧



# ପଉଷ ଖରାର ତାତି

ଗଳ୍ପ

ବିପ୍ଳବ

ବିରି ଗୋଛାକ ତଳକୁ ଓହ୍ଲେଇଦେଲା। ଆକାଶକୁ ଅନେଇଲା ବୋଇତ– ଏ ମା! ବେଳ ଆସି ମୁଣ୍ଡ ଉପରେ ହେଲାଣି। କ'ଣ କରୁଥବ କେଜାଣି ଘରେ!

ଏ ନାନୀ, ମୋ' ପେଇଁ ଖଣ୍ଡେ ସେ ଜଜାଙ୍ଗି ଦାନ୍ତକାଠିରୁ ଭାଙ୍ଗିକି ଆଣେ। ଦି'ଭେରା ମାରିଦେଇ ଝଅଟ ଝଅଟ ଘରକୁ ଯିବା। ଜାଇଁଲୁ ଲୋ ନାନୀ ବାଡ଼ିପଡ଼ା କାଲି କେଡ଼େ କାମଟାଏ କରିଦଉଥେଲା!

ଛେପ ନେଣ୍ଡାଏ ବାହାରକୁ ଥୁ' କରି କହିଲା ବୋଇତ।

– ''କ'ଣ କିଲୋ ସେ ଅଲେକ୍ଷେଣା କଥା ତୁଣ୍ଡରେ ଧରୁଚୁ? କାହା କଥା କହିଲୁ?'' ଧନିଆ ଭାରିଯା ତିଆରିଲା।

– ''କିଏ ଆଉ ହବ, ତମରି ଦିଅର। କାଲି ପରା ପେଟେ ପିଇଦେଇ ବନ୍ଧ ତଳେ ପଡ଼ିଥେଲା। ଟିମା ଗଉଡ଼ ଆସି ଖବରଦେଲା। କାନ୍ଧରେ ଆଉଜେଇ ଘୋଷାରି ଘୋଷାରି ଘରକୁ ଆଇଁଲି। ଦି'ଘଡ଼ି ଶୋଇଚିକି ନାଇଁ ଫେଣେ ଅଦଉତ କଲା ଆଉରି ଟଙ୍କା ଦେ'। ଆଉରି ପିଇବି। ତୁ ତ ମରଦଟାଏ, ଏ ବଅସରେ ହାତୀ ଶୁଣ୍ଢ ଧଇଲେ ହାତୀ ଠିଆ ହବ। ତୁ ମାଲ୍ ପିଇ ଗଡ଼ିଲେ ମୁଁ ମାଇପି ଲୋକଟା କ'ଣ ଆଣିବି କୋଉଠୁଁ? ଆଠଣା ରୋଜଗାରକୁ ପାଁସୁକା ଖରଚ। କାଠୁଆଟା କଣା ହେଇ ମାସେ ହବ ପଡ଼ିଲାଣି ଯେ ମାଛ ମାରି ଯାଇପାରୁନି। କାଲି ରେଣ୍ଟି କଲା ଚାଲ୍ ମାଛ ମାରିଯିବା। ତୁ ଡଙ୍ଗାରେ ବସିବୁ। ମୁଁ ଜାଲ ଫୋପାଡ଼ିବି। ଯେତେ ମନାକଲେ ମାନିଲାନି। ମୋତେ ଘୋଷରା ଘୋଷରି କରି ନେଲା। ଫଟା କାଠୁଆରେ ପାଲିଥିନ୍ ଚୁଣ୍ଟା ଦେଇ ବସିଲି। ଆହୁଲା ମାଇଲି। ସେ ଜାଲ ଫୋପାଡ଼ିବା ବେଳକୁ ଡଙ୍ଗା ଚହଲିଗଲା। ମୁଁ ଟିକେ ପଛକୁ ଅନେଇଦେଲି। ଆଗକୁ ଅନେଇଲାବେଳକୁ ସିଏ ଆଉ ନାହିଁ। ଜାଲ ସହିତ ପାଣିରେ। ମୁଁ ମାଇପି ଲୋକଟାକୁ ପେଟେରେ ଛୁଆଟା ମୋର। କ'ଣ କରିବି। ଚମକି ପଇଲି। କିଲିକାଛିଆ ହେଇ ଡଙ୍ଗାରୁ ଡେଇଁପଡ଼ିଲି। ଅଣ୍ଟାଏ ପାଣିରୁ ତାକୁ ସାଉଣ୍ଟିକି ଧରି କୂଳକୁ ଘୋଷାରି ଆଇଁଲି। ଆଉ କେତେ ମାତର ଜୀବନ...!''

ଧନିଆ ଭାରିଯା ବକା ପାଲଟିଗଲା।

– ''ଧନ୍ୟ ଲୋ ବୋଇତ ତୁ! ହେ ବାଡ଼ିଖିଆ ମଦୁଆଙ୍କୁ କିଏ ବୁଝେଇବ, ଯାହା ବୁଝିଥେବେ ହେଇଆ। ପଦିଏ କଥାକୁ ଚାକୁଳୋଉଥେବେ। ଆମ ବଡ଼ ଟୋକାକୁ ଦେଖୁନୁ। ପିଇପିଇ କ'ଣ ଦୁଶିଲାଣି। ଭେଣ୍ଡାଟା ବୁଢ଼ା ଭଳିଆ ଦୁ'ଚି। ସେଥିରେ ପୁଣି ମାସକୁ କୋଡ଼ିଏ ଦିନ ଭାରିଯା ଉପରେ ହାକିମାତି। ପର ଝୁଅଟା... କେତେ ସମାଳିବ? ବୋପା ଘରକୁ ମାସେ ହେଲା ଗଲାଣିଯେ ଆସିବା ନାଁ ଗନ୍ଧ ଧରୁନି। ଏ ବଅସରେ ମୁଁ ରାନ୍ଧିବାଢ଼ି ଖାଉଚି। କୋଉ ସାହାସରେ ପର ଝୁଅଟାକୁ ଡାକି ଆଣି ଖୋବା ଖୁଆଇବି? ପୁଅ ବୋଲି କ'ଣ ଅଣ୍ଟିରେ ପୂରେଇବି?''

ଲୁଗା କାନିରେ ମୁହଁ ପୋଛିଲା ଧନିଆ ଭାରିଯା।

– ''କ'ଣ ଥେଲା ଏ ଗାଁ... କ'ଣ ହେଲା! ଦୋକାନ ବଜାର ନ ଥେଲା ଯେ ଲୋକେ ପାନଗୁଆ ପାଇଁ କେତେ ବାଟ ବୁଲୁଥେଲେ। ଏବେ ଏ ମୁଣ୍ଡରେ ଗୋଟେ, ସେମୁଣ୍ଡରେ ଗୋଟେ ମଦ ଦୋକାନ। ସଞ୍ଜୀପତରୁ ମନ୍ଦିରକୁ ଟିକେ ଧୂପ ଦୀପ ନେଇ ଯିବାକୁ ଡର ଲାଗୁଚି। ସେଠେଇଁ ବି ବାଡ଼ିପୋଡ଼ାଙ୍କର ଦୌରାତ୍ମ୍ୟ।''

ବୋଇତ ମୁଣ୍ଡକୁ ପିତ୍ତ ଚଢୁଥିଲା।

– ଜାଇଁଲ ନାନୀ, ଗାଁର ତିନି ପା' ମରଦ ମଦୁଆ ହେଇଗଲେଣି। ଆର ବାଉରି ସାଇର ମାଇପି ବିରି ଓପାଡ଼ି ଆସିଥେଲେ। ସେଇଠି କଥା ହଉଥେଲେ ଆଜି ହଉ କି କାଲି ମଦ ଦୋକାନ ପୋଡ଼ିବେ। ତମେ ତ ନାନୀ ମାଛ ବେପାରକୁ ଯାଉଚ। ମୁଁ ପା ଦି' ଚାରିଦିନ ହେବ ଶୁଣି ଆଉଚି। ମକରା ଭାଇନାର ଗୋଦାବେଡ଼ ବିଲ ବିରି ଓପଡ଼ା ଚାଲିଚି। କାଲି ସିନା ମୁଁ ଯାଇ ନ ଥିଲି, ଆଉ ସବୁ ଦିନ ଯାଉଚି ପା। ଧନିଆ ଭାରିଯା ଶଙ୍କିଯାଇ କହିଲା– ''ଆଲୋ ଆମେ ମାଇପି ନୋକ। ଆମ ବଳ କଳ କ'ଣ ଅଛି? ସରକାର ତ ଖୋଲିଚନ୍ତି ଦୋକାନ। ଏଇ ପଇସାକୁ କୁଆଡ଼େ ମାଗଣା ଚାଉଳ, ଡାଲି, ଭତ୍ତା, ଦରମା ସବୁ ମିଳୁଚି...। ଛା'ଡ଼େ ଲୋ ସେ କଥା। ନିଜ ଘର ସମାଳିବାକୁ ଆମର ଏ ନିଉଛୁଣା ଜୀବନରେ ବଳ ନାଇଁ। ଉଠ୍ଉଠ୍... କେତେ ଘଷିମାଜି ହଉଚୁ। ପେଟ ଭୋକରେ ଆଉଣ୍ଡେଇ ହେଇଯାଉଚି।''

ଦୁହେଁ ପୋଛାପୋଛି ହୋଇ ଉଠିଲେ।

– ''ଏ ନାନୀ, ଏ ବିରି ମୁକୁଳ ପୁଞ୍ଜାକ ମୋ' ମୁଣ୍ଡକୁ ଦେଇକିରି ଯାଅ।'' x x x

ଏକର ଏକର ବ୍ୟାପୀ ବିରି ବିଲ। ସେପଟେ ରାମଚନ୍ଦ୍ର ମାଳଠୁଁ ଗେଙ୍ଗୁଟିଆ ଯାଏଁ। ଏପଟେ ଯାଆଁଳାପଦାଠୁଁ ଚିଆରିଆ ମାଳ। ଖାଲି ବିରି ଆଉ ବିରି। ବିଲହୁଡ଼ାରେ ଦି' ଚାରିଟା ତାଳଗଛ। ତା'ରି ତଳେ ଝୋଟ ଅଖା ପକେଇ ବସିଛନ୍ତି ମକରା ଭାଇନା। ବିଲ ଭୋଗତା। ବିରି ଓପଡ଼ାଳି ମାଇପିଙ୍କର ଦେଖା ଦର୍ଶନ ନାଇଁ। ଆଉ ଟିକିଏ ଆଗକୁ ପୁରୁଣା ଲୁଗା ଖଣ୍ଡିଏ ପାରି ବସିଚି ବୋଇତ ଏକା।

– ''ଆଜି ଟିକିଏ କୁହୁଡ଼ି ଅଧିକା ହେଇଚି ସାଆନ୍ତେ। ସେଥିପାଇଁ ବୋଧେ ମାଇପି ଆସି ନାହାନ୍ତି।'' ଥିର ଗଳାରେ କହିଲା ବୋଇତ।

ଧୀରେଧୀରେ ଖରା ଟାଣ ହେଉଥିଲା। ପୁଷମାସିଆ ଖରା ଚାଇଁଚାଇଁ ଲାଗିଯାଉଥିଲା। ସେପଟୁ ମକରା ଭାଇନା ଡାକ ଛାଡ଼ିଲେ– ''ଆଲୋ କାହିଁକି ଏକୁଟିଆ ବସିଛୁ? ପଳା ଘରକୁ। କାଲି ଆସିବୁ।''

ଦୂରରୁ ଦିଶୁଥିଲା ଧନିଆ ଭାରିଯା। ମୁହଁ ତମତମ ଜଣାପଡୁଥିଲା। ''ତାକୁ ଆଉ ଡାକିନି ବୋଲି ନାନୀ ରାଗିଚି ନା କ'ଣ!'' ଧନିଆ ଭାରିଯା ନଥିକରି ବସିପଡ଼ିଲା ବୋଇତ ପାଖରେ।



– କ'ଣ ହେଇଚି ନାନୀ... ରାଗିଚ ମୋ' ଉପରେ? ଦେଖୁନ ଆଜି ଓପଡ଼ା ବନ୍ଦ ହେଲା। ବାଉରି ସାଇ ମାଇପିଙ୍କର ଦେଖାନାଇଁ।

– ସେମାନେ ଆଉ ଆସିବେନି ଲୋ! ତୋ' କଥା ସତ ହେଲାଲୋ। ରାତିରେ ସେମାନେ ମଦ ଦୋକାନ ଭଙ୍ଗାରୁଜା କରି ପକେଇଲେ। ପୁଲିସ ଆସି ତାଙ୍କୁ ବାନ୍ଧି ନେଇଚି।

ଜିଭ କାମୁଡ଼ି ଦେଇ ବୋଇତ କହିଲା– 'ନାନୀ... ସତ?'

– ଘରକୁ ଜଲ୍ଦି ଚାଲ। ଆଉ ଗୋଟାଏ କଥା କହିବି।

– ନା ନାନୀ ଏଇଠି କହ।

– ''ଆଲୋ କାହିଁକି ରେଣ୍ଟି କରୁଚୁ? ପେଟେରେ ତୋର ପାଞ୍ଚ ମାସର ଛୁଆ। ଚଡ଼ିକା କ'ଣ ହେଇଗଲା?''

– ''ତମକୁ ମୋ' ପେଟେରେ ଥିବା ଛୁଆର ରାଣ।''

– ''କ'ଣ କଲୁଲୋ ବାଡ଼ିଖାଇ। ଆଲୋ ମଦ ପିଇ ଦେଇ ହାଉଆ ଗାଡ଼ି ଆଗରେ ହଲହଲ ହଉଥେଲା। ଗାଡ଼ି ମଡ଼େଇ ଦେଇଚି ତାକୁ। ତା' ଗୋଡ଼ ଆଉ ନାଇଁଲୋ। ଗାଁ ପିଲାଏ ଦମକଳକୁ ଫୋନ୍ କଲେ, ସେ ଆସି ମେଡିକଲ ନେଇଯାଇଚି।''

– ''ସବୁ ସରିଗଲା ଲୋ ନାନୀ।'' ମୂର୍ଚ୍ଛା ହେଇ ତଳେ ପଡ଼ିଗଲା ବୋଇତ। ଧନିଆ ଭାରିଯା ତାକୁ କୁଣ୍ଢେଇ କାନ୍ଦିବାକୁ ଲାଗିଲା। ତାଙ୍କ କାନ୍ଦ ବୋବାଳିରେ ଫାଟି ପଡୁଥିଲା ଖାଁ ଖାଁ ଗହୀର। ଧୀରେଧୀରେ ଚେତା ଫେରୁଥିଲା ବୋଇତର। ସେ ରାହାଧରି କାନ୍ଦୁଥିଲା।

– ''ମାଇପି ଲୋକଟା ମୁଁ, କ'ଣ କରିବି ନାନୀ। କୋବି, କଖାରୁ କେତେ ଭାଗଚାଷ କରିଚି। ଚୁଆରୁ ପାଣି କାଢ଼ି ମନ୍ଦା ମନ୍ଦା ବୁଲି କେତେ ପାଣି ଦେଇଚି। ତା' ସାଙ୍ଗେରେ କାଠୁଆ ଧରି ମାଛ ମାଇଲି। ବିରି ଓପାଡ଼ିଲି। ଭୁଆସୁଣୀଟା ନାଜମହତ ଛାଡ଼ି ମୂଲ ଲାଗିଲି। ଶେଷକୁ କ'ଣ କଲା ଦଇବ?''

ବୋଇତ କାନ୍ଦରେ ଶୁଖିଲା ବିରି ବିଲରେ ଯେମିତି ବନ୍ୟା ଆସିଯିବ।

ଧନିଆ ଭାରିଯା ବୋଧ ଦେଲା।

– ''ଥୟ ଧର୍‌ଲୋ ବୋଇତ। ଆମ ଗରିବଗୁରୁବାଙ୍କର ଦୁଃଖ କ'ଣ, ଲୁହ କ'ଣ! ସେମାନେ ଆମର ବଇରି ନୁହନ୍ତି ଲୋ। ପୁଷମାସର ଖରା ପରି। ଆମକୁ ବାଧେନି ଦୁଃଖ। ପିଠି ଦେଖେଇ ସହିଯିବା କଥା। ଜୀବନ ରହିଯାଇଚି ବଡ଼ କଥା। ପୁଷମାସର ସୂର୍ଯ୍ୟ ମଥାନକୁ ଉଠୁଥିଲା। ତାଳ ଗଛରେ ମା' ବାଇଚଢ଼େଇଟେ ଛୁଆ ଥଣ୍ଟରେ ଦାନା ଦେଉଥିଲା।''

ଧନିଆ ଭାରିଯା ବୋଇତ ଆଖିରୁ ପାଣି ପୋଛି କୋଳକୁ ଆଉଜେଇ ନେଉଥିଲା। ଦୂରରେ ଠିଆ ହେଇ କାନ୍ଦୁଥିଲେ ମକରା ଭାଇନା।

ମୋ: ୯୪୩୭୪୬୮୦୧୬



# ପୁସ୍ତକ ପରିଚୟ


# ୨୦୨୧: ଓଡ଼ିଆ ପୂଜା ପତ୍ରିକା

ଗୋପବନ୍ଧୁଙ୍କ

## ସତ୍ୟବାଦୀ

**ସମ୍ପାଦକ:** ନିରଞ୍ଜନ ରଥ

**ସାଇଜ୍:** ଏ-କ୍ରାଉନ, **ପୃ:** ୩୩୬, **ମୂଲ୍ୟ:** ଟ.୧୦୦/-



'ସମ୍ପାଦକୀୟ'ର ଶୀର୍ଷକ ରହିଛି 'ପାର୍ବଣ ପ୍ରଣାମି'। ଏଥିରେ ଲେଖକଙ୍କୁ ସାରସ୍ୱତୀୟ ବୋଲି ଅଭିନନ୍ଦିତ କରି ସୃଜନର ମୂଳ ଖୋଜିଛନ୍ତି ସମ୍ପାଦକ। ପ୍ରବନ୍ଧରେ ଦାଶରଥି ଦାସ, ବୈଷ୍ଣବ ଚରଣ ସାମଲ, ବସନ୍ତ କୁମାର ପଣ୍ଡା, ଆଦିକନ୍ଦ ସାହୁ ପ୍ରମୁଖଙ୍କ ସହିତ ଗାନ୍ଧିଜୀ ଓ ସମ୍ବଲପୁରକୁ ନେଇ ନିବନ୍ଧ ଲେଖିଛନ୍ତି ନିତାଇ ଚରଣ ସରାଫ। 'ଅନନ୍ୟ ଅନୁଭୂତି'ରେ କେଦାର ଦର୍ଶନ ସମ୍ପର୍କରେ ଲେଖିଛନ୍ତି ସୁଲୋଚନା ଦାସ ଓ 'ସ୍ମୃତିର ଆଲେଖ୍ୟ'ରେ ଅଛନ୍ତି ଅର୍ଚ୍ଚନା ନାୟକ। ମମତା ବିଶୋଇ କରିଛନ୍ତି କବି ସଦାଶିବ ଦାଶଙ୍କ ପ୍ରତିଭା ପରିଚର୍ଯ୍ୟା। କବିତାରେ ଜୟନ୍ତ ମହାପାତ୍ର, ସୌଭାଗ୍ୟ କୁମାର ମିଶ୍ର, ଅମରେଶ ପଟ୍ଟନାୟକ, ହୃଷୀକେଶ ମଲ୍ଲିକ ଓ ପ୍ରତିଭା ଶତପଥୀଙ୍କ ସହ ଅଛନ୍ତି ବହୁ ପ୍ରବୀଣ ଓ ତରୁଣ କବି। ଗଳ୍ପରେ ପ୍ରତିଭା ରାୟଙ୍କଠୁଁ ପାରମିତା ଶତପଥୀ। ଅନୁବାଦ ଓ ନାଟକ ଆଦି ସହିତ ରହିଛି ଅନ୍ୟାନ୍ୟ ନିୟମିତ ବିଭାଗ।

## ଅପୂର୍ବା

**ସମ୍ପାଦକ:** କ୍ଷୀରୋଦ ଚନ୍ଦ୍ର ପତି

**ସାଇଜ୍:** ଏ-୪, **ପୃ:** ୨୨୪, **ମୂଲ୍ୟ:** ଟ.୧୦୦/-



କ୍ଷୀରୋଦ ଚନ୍ଦ୍ର ପତିଙ୍କ ଭିନ୍ନ ଶୈଳୀର ସମ୍ପାଦକୀୟ ସାଙ୍ଗକୁ କାହାଣୀ, କବିତା, ଅନୁବାଦ, ଭ୍ରମଣ କାହାଣୀ ଓ ଗ୍ରନ୍ଥାଲୋଚନା। କାହାଣୀରେ ପରେଶ ପଟ୍ଟନାୟକ, କ୍ଷୀରୋଦ ଦାସ, ରଞ୍ଜନ କୁମାର ଦାସ, ଭାସ୍କର ଜେନା, ବିଜୟ କେତନ ପଟ୍ଟନାୟକ; କବିତାରେ ରମାକାନ୍ତ, ରାଜେନ୍ଦ୍ର, ହରପ୍ରସାଦ, ଆଶୁତୋଷ, ହୃଷୀକେଶ, ଗିରିଜା, ପ୍ରସନ୍ନ, ପ୍ରଦୀପଙ୍କ ସହ ବହୁ ଜଣାଶୁଣା କବିଙ୍କର କବିତା ରହିଛି। ଅଟଳ ବିହାରୀ ବାଜପେୟୀଙ୍କର ଏକ କବିତା 'ଉଠ ଦ୍ରୌପଦୀ' ଶୀର୍ଷକରେ ଅନୁବାଦ କରିଛନ୍ତି ଲିପିକା ପଟ୍ଟନାୟକ। ପ୍ରଚ୍ଛଦ ଭିନ୍ନ ରୁଚିର।

## ରେବତୀ

**ସମ୍ପାଦିକା:** ସୁବାସିନୀ ଜେନା

**ସାଇଜ୍:** ଏ-୪, **ପୃ:** ୧୦୪, **ମୂଲ୍ୟ:** ଟ. ୫୦/-




ପତ୍ରିକାରେ ଧାରାବାହିକ କାବ୍ୟ ଲେଖିଛନ୍ତି ପ୍ରଫୁଲ୍ଲ କୁମାର ମହାନ୍ତି। କବିତାରେ ବିମଳ ଜେନା, ମମତା ଦାଶ, ବୈକୁଣ୍ଠନାଥ ସାହୁ, କମଳ କୁମାର ମହାନ୍ତି, ମାଧୁରୀ ପଣ୍ଡା, ହୃଦାନନ୍ଦ ପାଣିଗ୍ରାହୀ ଓ ରକ୍ଷକ ନାୟକ। 'ସର୍ବମୟୀ ଦୁର୍ଗା', 'ଶାରଦୋତ୍ସବ', 'ଭକ୍ତିରେ ଭଗବତୀ', 'ବନବାସୀଙ୍କ ବନଦୁର୍ଗା' ଓ 'କୃଷ୍ଣବର୍ଣ୍ଣା ଅପରାଜିତା' ତଥ୍ୟନିଷ୍ଠ। 'ଆତ୍ମ ଜୀବନୀ'ରେ ଜୟନ୍ତୀ ରଥ, 'ଅବଲୋକନ'ରେ ମଣୀନ୍ଦ୍ର କୁମାର ମେହେରଙ୍କ ସାଙ୍ଗକୁ 'ଶେଷ ପୃଷ୍ଠା'ରେ 'ଲେଖକଙ୍କ ଲିଙ୍ଗଭେଦ' ଲେଖିଛନ୍ତି କୃଷ୍ଣ କୁମାର ମହାନ୍ତି।

## କଥା କଳିକା

**ସମ୍ପାଦକ:** ଜୟାଶୀଷ ରାୟ

**ସାଇଜ୍:** ଏ-କ୍ରାଉନ, **ପୃ:** ୨୧୮, **ମୂଲ୍ୟ:** ଟ. ୧୦୦/-



'ସ୍ମରଣୀୟ କଥା'ରେ ସୁକୁବିନା (ଜାପାନୀ), 'ସମକାଳର କଥା'ରେ ତ୍ରିନାଥ ପଟ୍ଟନାୟକ, ସୁଲେଖା ସାମନ୍ତରାୟ, ରାଜକିଶୋର ଦାସ, ଲକ୍ଷ୍ମୀ ଚାନ୍ଦ, ମମତାମୟୀ ଚୌଧୁରୀ ଓ ଶଶିକାନ୍ତ ରାଉତ। 'ଅନ୍ୟ ଭାଷାର କଥା'ରେ ଶରତ ଚନ୍ଦ୍ରଙ୍କ 'ଅଭାଗିନୀର ସ୍ୱର୍ଗ', ନରେନ୍ଦ୍ର ନାଗଦେବଙ୍କ 'ଲିଷ୍ଟ' ଓ ସୁଧୀରଞ୍ଜନ ମୁଖୋପାଧ୍ୟାୟଙ୍କ 'ଦୁର୍ଗ ତୋରଣ'। ଏଥିସହ ଗପ ଲେଖିଛନ୍ତି ପ୍ରବୋଧ ରାଉତ, ରାଧାଶ୍ୟାମ ରାଉଳ, ମହାଶ୍ୱେତା ସାହୁ ଓ ମଧୁମିତା ମହାନ୍ତି।

ମାନବିକତାର

## ବିଶ୍ୱମୁକ୍ତି

**ସମ୍ପାଦକ:** ଶଶାଙ୍କ ଚୂଡ଼ାମଣି

**ସାଇଜ୍:** ଏ-୪, **ପୃ:** ୨୩୨, **ମୂଲ୍ୟ:** ଟ.୧୦୦/-




'ମହାମାରୀ ଓ ମହାପାର୍ବଣ' ରହିଛି ସମ୍ପାଦକୀୟ ଶୀର୍ଷକ। ପଦ୍ମବିଭୂଷଣ ରଘୁନାଥ ମହାପାତ୍ରଙ୍କ ସ୍ମୃତିଚାରଣ କରିଛନ୍ତି ପ୍ରସନ୍ନ କୁମାର ପାଢ଼ଶାଣୀ। 'ଶିକ୍ଷା ବିତର୍କ'ରେ ଅଛନ୍ତି ପ୍ର. ଦୀପକ ବେହେରା। ଗଳ୍ପରେ ତରୁଣକାନ୍ତି ମିଶ୍ର, ଜୀବନକୃଷ୍ଣ ମହାପାତ୍ର, ସଦାନନ୍ଦ ତ୍ରିପାଠୀ ଓ ପରେଶ କୁମାର ପଟ୍ଟନାୟକ। 'ଉପନ୍ୟାସିକା' ଲେଖିଛନ୍ତି ନିବାରଣ ଜେନା। ସ୍ଥାନିତ ହୋଇଛି ପ୍ର. ନୀଳାଦ୍ରିଭୂଷଣ ହରିଚନ୍ଦନଙ୍କ ସହ ଚିନ୍ମୟୀ ଷଡ଼ଙ୍ଗୀଙ୍କର ସାକ୍ଷାତ୍କାର। 'ଅନ୍ୟ ଦିଗନ୍ତ'ରେ ପ୍ରସନ୍ନ ହୋତାଙ୍କ ଦ୍ୱାରା ଭାଷାନ୍ତରିତ ହୋଇ ସ୍ଥାନିତ ହୋଇଛନ୍ତି ଆଇ.ବି. ସିଙ୍ଗର। ବିଷ୍ଣୁପଦ ସେଠୀଙ୍କର କବିତା ଅନୁବାଦ କରିଛନ୍ତି ସୂର୍ଯ୍ୟ ଦେଓ। ଶେଷ ଗଳ୍ପରେ ଅଛନ୍ତି ଭୀମ ପୃଷ୍ଟି। କବିତାରେ ହରିହର ମିଶ୍ର, ରୋହିଣୀକାନ୍ତ ମୁଖାର୍ଜୀ, ମନୋରମା ବିଶ୍ୱାଳ ମହାପାତ୍ର, ପୀତାମ୍ବର ତରାଇ ଓ ଅଜିତ ଦାଶ ମହାପାତ୍ର।

## ଅକ୍ଷାଂଶ

**ସମ୍ପାଦକ:** ଡ. ହରିଶ୍ଚନ୍ଦ୍ର ବେହେରା

**ସାଇଜ୍:** ଏ-୪, **ପୃ:** ୩୫୬, **ମୂଲ୍ୟ:** ଟ.୧୬୦/-




ସମ୍ପାଦକୀୟର ଶୀର୍ଷକ ରହିଛି 'କଥା ସାହିତ୍ୟର ସ୍ପର୍ଦ୍ଧିତ ଉଚ୍ଚାରଣ: ମନୋଜ ଦାସ', ଯହିଁରେ ମନୋଜଙ୍କ ଗଳ୍ପର ବୈଶିଷ୍ଟ୍ୟ ଉନ୍ମୋଚିତ ସଂକ୍ଷେପରେ। ମନୋଜଙ୍କ 'ରାଜକନ୍ୟା' ଗଳ୍ପଟି ବି ସ୍ଥାନିତ। ମନୋଜଙ୍କ ସୃଷ୍ଟିର ବିବିଧ ଆକଳନ କରିଛନ୍ତି ରବିନାରାୟଣ ଦାଶ, ଶତ୍ରୁଘ୍ନ ପାଣ୍ଡବ, ବିଜୟାନନ୍ଦ ସିଂହ, ପ୍ରଭାକର ସ୍ୱାଇଁ, କୁମୁଦ ଚନ୍ଦ୍ର ଦାଶ, ପବିତ୍ର ପାଣିଗ୍ରାହୀ, ପ୍ରଶାନ୍ତ ମହାନ୍ତି ଓ ଶିରୀଶ ଚନ୍ଦ୍ର ଜେନା ପ୍ରମୁଖ। ଗଳ୍ପ ୧ମ ଓ ୨ୟ ପର୍ବରେ ଅଛନ୍ତି ବିଷ୍ଣୁ ସାହୁ, ଆଦିକନ୍ଦ ସାହୁ, ନିବାରଣ ଜେନା ଓ କାଳିନ୍ଦୀ ଚରଣ ଭଞ୍ଜ। ଅମୃତା ପ୍ରୀତମ୍ ଓ ଓ. ହେନେରୀଙ୍କ ଗଳ୍ପ ଅନୂଦିତ ହୋଇଛି। କବିତାରେ ଜଗନ୍ନାଥ ପ୍ରସାଦ ଦାସ, ହୃଷୀକେଶ ମଲ୍ଲିକ, ବଂଶୀଧର ଷଡ଼ଙ୍ଗୀ, ନିତ୍ୟାନନ୍ଦ ନାୟକ, ଅପର୍ଣ୍ଣା ମହାନ୍ତି, ପ୍ରବାସିନୀ ମହାକୁଡ଼ ଓ ଭଗବାନ ଜୟସିଂହଙ୍କ ସହ ଏକାଧିକ ଏଇ ସମୟର କବି। ଶେଷପୃଷ୍ଠାରେ ମନୋଜ ଦାସଙ୍କୁ ଭକ୍ତିଅର୍ଘ୍ୟ ବାଢ଼ିଛନ୍ତି ଶ୍ରୀଦେବ।

## ବନଫୁଲ

**ସମ୍ପାଦକ:** ରତ୍ନାକର ନାୟକ।

**ସାଇଜ୍:** ଏ-୪, **ପୃ:** ୧୫୨, **ମୂଲ୍ୟ:** ଟ.୧୩୦/-



ପ୍ରଚ୍ଛଦରେ ଭିନ୍ନତା ସ୍ପଷ୍ଟ। 'ସମ୍ପାଦକୀୟ'ରେ ବଚନଗତ ସ୍ପଷ୍ଟତା। ଛ' ଜଣ ପ୍ରତିବେଶୀ ଗାଳ୍ପିକଙ୍କ ଗଳ୍ପର ଅନୁବାଦ, ଯହିଁରେ ସାମିଲ ଅନୁବାଦକ ଜୟକୃଷ୍ଣ ସାମଲ, ବଂଗାଳୀ ନନ୍ଦ, ପ୍ରଦୀପ କୁମାର ରାୟ, ଆଶୁତୋଷ ପାତ୍ର, ବିଜୟ କୁମାର ପ୍ରଧାନ ଓ ଲିଙ୍ଗରାଜ ମହାନ୍ତି। ୫ଟି ପ୍ରବନ୍ଧ, ୬୪ଟି କବିତା ଓ ୭ଟି ଗୀତି-କବିତାରେ ସମୃଦ୍ଧ ପତ୍ରିକାଟି।

## କାହାଣୀ

**ସମ୍ପାଦକ:** ବିଜୟ ନାୟକ

**ସାଇଜ୍:** ଡିମାଇ ୧/୮, **ପୃ:** ୫୮୦, **ମୂଲ୍ୟ:** ଟ.୧୦୦/-

କରୋନା, ଆତଙ୍କବାଦ ଓ ସାମ୍ପ୍ରତିକ ସ୍ଥିତିକୁ ନେଇ ସମ୍ପାଦକୀୟ। 'ଅକୁହା କାହାଣୀ'ରେ ମନୋଜ ଦାସଙ୍କ 'ବର୍ଷା', 'ଗଡ଼ଜାତ କାହାଣୀ'ରେ ଦାଶ ବେନହୂରଙ୍କ 'ଛାମୁଙ୍କ ପାଇଁ ଅନିଦ୍ରା', 'ବିଶେଷ କାହାଣୀ'ରେ ପ୍ରତିଭା ରାୟଙ୍କ 'କଳ୍ପଲୋକ', 'ଏବର କାହାଣୀ'ରେ ବିଭୂତି ପଟ୍ଟନାୟକ, ପ୍ରଭାତ ମହାପାତ୍ର, ରଜନୀକାନ୍ତ ମହାନ୍ତି, ଗୌରହରି ଦାସ, ବିପିନ ବିହାରୀ ମିଶ୍ର, ବିଷ୍ଣୁ ସାହୁ ଓ ତରୁଣ କୁମାର ସାହୁ ପ୍ରମୁଖ। 'ପ୍ରତିବେଶୀ କାହାଣୀ'ରେ ନିର୍ମଳ ବର୍ମା, ସତ୍ୟଜିତ୍ ରାୟ ଓ 'କାବ୍ୟ କାହାଣୀ'ରେ ରବିନାରାୟଣ ସେନାପତି, ହୃଷୀକେଶ ମଲ୍ଲିକ, ବିଷ୍ଣୁପଦ ସେଠୀ, ପ୍ରଦୀପ ବିଶ୍ୱାଳ, ରକ୍ଷକ ନାୟକ ଓ ଏକାଧିକ ନୂଆ ପୁରୁଣା କବି। ଏଥିସହିତ ଅଛି 'ଗୀତି କାହାଣୀ' ଓ 'ଗ୍ରନ୍ଥ କାହାଣୀ'। ପ୍ରଚ୍ଛଦ ଆଙ୍କିଛନ୍ତି ସରୋଜ ବଳ, ଅତଏବ ବିରଳ।



## ଇସ୍ତାହାର

**ସମ୍ପାଦିକା:** ଡ. ପ୍ରତିଭା ଶତପଥୀ

**ସାଇଜ୍:** ଡିମାଇ ୧/୮, **ପୃ:** ୩୬୪, **ମୂଲ୍ୟ:** ଟ.୧୫୦/-



ଅନ୍ୟତମ ସମ୍ପାଦକ ଡ. ବସନ୍ତ କୁମାର ପଣ୍ଡା ଲେଖିଛନ୍ତି ସମ୍ପାଦକୀୟ, ଯାହାର ଶୀର୍ଷକ ରହିଛି 'ସାମ୍ପ୍ରତିକ ବାସ୍ତବତା: ଆତ୍ମରକ୍ଷା'। ପ୍ରବନ୍ଧ ଓ ପ୍ରାବନ୍ଧିକରେ ଡ. ପଞ୍ଚାନନ ମିଶ୍ର, ପ୍ର. ସୁମନ୍ୟୁ ଶତପଥୀ, କଇଳାଶ ପଟ୍ଟନାୟକ, ପ୍ର. ସଂଘମିତ୍ରା ମିଶ୍ର ଓ ଶତ୍ରୁଘ୍ନ ପାଣ୍ଡବ; ଗଳ୍ପ ଓ ଗାଳ୍ପିକରେ କବିତା ବାରିକ, ସୀତେଶ ତ୍ରିପାଠୀ, ଗୌରାଙ୍ଗ ଚରଣ ଦାଶ, ସୁରେଶ ଛୋଟରାୟ; ଅନୁବାଦ ଗଳ୍ପରେ ନରେନ୍ଦ୍ର ମୋଦି ଓ କାରା ଶାସ୍ତ୍ରୀଙ୍କ ଗଳ୍ପ; କବି ଓ କବିତାରେ ପ୍ରତିଭା ଶତପଥୀ, ଫନୀ ମହାନ୍ତି, ଅମରେନ୍ଦ୍ର ଖଟୁଆ, ଆଶୁତୋଷ ପରିଡ଼ା, ହୃଷୀକେଶ ମଲ୍ଲିକ, ପ୍ରସନ୍ନ କୁମାର ମହାନ୍ତି, ମାନସ ରଞ୍ଜନ ମହାପାତ୍ର, ଗୌତମ ଜେନା ଓ ଅରୁଣ ସାହୁ। ଗ୍ରନ୍ଥ ସମୀକ୍ଷାରେ ଡ. କୃଷ୍ଣଚନ୍ଦ୍ର ପ୍ରଧାନ। ସମୀକ୍ଷିତ ପୁସ୍ତକ କବିତା ବାରିକଙ୍କ 'ମୁଡ଼ିବାଲୀ'।

## ଶତଦ୍ରୁ

**ସମ୍ପାଦକ:** ଉପେନ୍ଦ୍ର ପ୍ରସାଦ ନାୟକ

**ସାଇଜ୍:** ଡିମାଇ ୧/୮, **ପୃ:** ୩୩୬, **ମୂଲ୍ୟ:** ଟ. ୭୦/-



'ସାହିତ୍ୟରେ ହିଂସାବାଦ'କୁ ନେଇ ସମ୍ପାଦକୀୟ। କବିତାରେ ରମାକାନ୍ତ, ସୀତାକାନ୍ତ, ପ୍ରଫୁଲ୍ଲ କୁମାର ତ୍ରିପାଠୀ, ପ୍ରୀତିଧାରା ସାମଲ, ରବି ଶତପଥୀ, ଶ୍ରୀହରି ଧଳ, ରତ୍ନାକର ରାଉତ ଓ ନୃସିଂହ ତରାଇ। ପ୍ରବନ୍ଧରେ ସଂଘମିତ୍ରା ମିଶ୍ର, ଡ. ବିରଞ୍ଚି ସାହୁ, ଡ. ବିନୋଦିନୀ ପାତ୍ର, ଡ. କାନନ ମହାନ୍ତି। ଏଥିସହିତ ରହିଛି ଅନ୍ୟାନ୍ୟ ବିଭାଗ- ବ୍ୟଙ୍ଗ, ଗୀତି-କବିତା ଓ ଅନୁବାଦ।